## ରାଜକୋଟ୍ ଟେଷ୍ଟରେ ଡ୍ରାଇଭିଂ ସିଟ୍‌ରେ ଭାରତ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

E-mail : sambadkalikanews@gmail.com

The Sambad Kalika

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୧ ● ସଂଖ୍ୟା–୨୩ ● ୧୮ ଫେବୃୟାରୀ ୨୦୨୪, ରବିବାର ● ଭୁବନେଶ୍ୱର ● Vol -31 ● Issue-23 ● 18th February 2024, Sunday ● Bhubaneswar

Licensed to post without pre-payment of postage No- BN-60/22-24





ମୋଦୀ ସରକାରଙ୍କ ଗ୍ୟାରେଣ୍ଟି

ଚାଷୀଙ୍କ ସମୃଦ୍ଧି, ଦେଶର ପ୍ରଗତି

ଚାଷୀଙ୍କୁ 23 କୋଟିରୁ ଅଧିକ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଜାରି; ଉନ୍ନତ କୃଷି ଉତ୍ପାଦନ ପାଇଁ ମିଳୁଛି ସହାୟତା

ଆମ ସଂକଳ୍ପ ବିକଶିତ ଭାରତ

ଅଧିକ ସୂଚନା ପାଇଁ ସ୍କାନ୍ କରନ୍ତୁ



cbc 22201/13/0276/2324


# ଚୌଦ୍ୱାରରେ ଟେକ୍ସଟାଇଲ ପାର୍କର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

**କଟକ, ୧୭।୨**

**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା କଟକ ଜିଲ୍ଲା ଚୌଦ୍ୱାରଠାରେ ଟେକ୍ସଟାଇଲ ପାର୍କର ଶିଳାନ୍ୟାସ ହୋଇଛି । ୧୯୫୦ ବେଳକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଶିଳ୍ପ ବିକାଶ ପାଇଁ ଚୌଦ୍ୱାରଠାରେ ଯେଉଁ ଭିତ୍ତି ସ୍ଥାପନ କରିଥିଲେ, ପୁଣି ତାହାର ପୁନରୁଦ୍ଧାର ହେବାକୁ ଯାଉଛି । ଏହାସହ ଶିଳ୍ପ କ୍ଷେତ୍ରରେ କଟକ ପୁଣିଥରେ ନୂଆ ପରିଚୟ ପାଇବାକୁ ଯାଉଛି ।

ବିଶ୍ୱସ୍ତରୀୟ ୱେଲସ୍ପନ ଟେକ୍ସଟାଇଲ ଗ୍ରୁପର ସହଯୋଗରେ ୩ ହଜାର ୫୦ କୋଟି ଟଙ୍କା ନିବେଶରେ ଶନିବାର ଚୌଦ୍ୱାରରେ ଇଣ୍ଟିଗ୍ରେଟେଡ ଟେକ୍ସଟାଇଲ କମ୍ପ୍ଲେକ୍ସ ପାଇଁ ଶିଳାନ୍ୟାସ ହୋଇଛି । ଫଳରେ ଏଠାରେ ପାଖାପାଖି ୧୦ ହଜାର ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏହାସହ ରାଜ୍ୟର କପା ଚାଷୀମାନେ ମଧ୍ୟ ବିଶେଷ ଲାଭବାନ ହୋଇପାରିବେ । କେବଳ ଏତିକି ନୁହେଁ, ଏଥିରେ ମହିଳାମାନଙ୍କ ପାଇଁ ମଧ୍ୟ ସୁଯୋଗ ରହିଛି । ସେମାନଙ୍କୁ ସ୍କିଲ ଡେଭଲପମେଣ୍ଟ ଅଧୀନରେ ଟ୍ରେନିଂ ଦିଆଯିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ।




ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଜି ଚୌଦ୍ୱାର ପାଇଁ ବହୁତ ଖୁସିର ଦିନ । ଚୌଦ୍ୱାର ଆଜି ତାର ହୃତ ଗୌରବ ଫେରି ପାଇବାକୁ ଯାଉଛି । ପଚାଶ ଦଶକର ଆରମ୍ଭରେ ବିଜୁ ବାବୁ ଚୌଦ୍ୱାରରେ ଶିଳ୍ପ ବିକାଶର ଭିତ୍ତି ରଖିଥିଲେ । ଆଜି ପୁଣି ଥରେ ଚୌଦ୍ୱାର ପାଇଁ, କଟକ ଜିଲ୍ଲା ପାଇଁ, ସାରା ଓଡ଼ିଶା ପାଇଁ ଶିଳ୍ପ କ୍ଷେତ୍ରରେ ନୂଆ ଇତିହାସ ଲେଖାଗଲା ।

ସୂଚନାଯୋଗ୍ୟ ଯେ ୱେଲସ୍ପନ ଗ୍ରୁପ ବିଶ୍ୱର ଏକ ପ୍ରସିଦ୍ଧ ବୟନ ସାମଗ୍ରୀ ଉତ୍ପାଦନ କମ୍ପାନୀ । ଚୌଦ୍ୱାରରେ ଏହା ଏକ ଇଣ୍ଟିଗ୍ରେଟେଡ ଟେକ୍ସଟାଇଲ ମାନୁଫାକ୍‌ଚରିଂ ଫାସିଲିଟି ଏବଂ ୱେୟାରହାଉସିଂ କମ୍ପ୍ଲେକ୍ସ ନିର୍ମାଣ କରୁଛି । ଏଥିପାଇଁ କମ୍ପାନୀ ୩,୦୫୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରୁଛି । ଏହା ଦ୍ୱାରା ୧୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏହା ସହିତ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଗୁଡିକୁ ବ୍ୟାପାର କ୍ଷେତ୍ରରେ ବିପୁଳ ସମ୍ଭାବନା ସୃଷ୍ଟି ହେବା ସହିତ ରାଜ୍ୟର ଶିଳ୍ପ ବାତାବରଣରେ ଉନ୍ନତି ଆସିବ । ୨୦୨୨ ମେକ-ଇନ୍-ଓଡ଼ିଶା କାର୍ଯ୍ୟକ୍ରମ ସମୟରେ ରାଜ୍ୟ ଶିଳ୍ପ ବିଭାଗ ଓ ଇପିକଲ ପକ୍ଷରୁ ଏକ ଟିମ ୱେଲସ୍ପନ ଗ୍ରୁପର ଅଧ୍ୟକ୍ଷ ବି.କେ. ଗୋଏଙ୍କାଙ୍କୁ ଓଡ଼ିଶାରେ *(ପୃଷ୍ଠା ୭ରେ)*

## ଆମ ହସ୍ପିଟାଲ ଲୋକାର୍ପିତ

# ୧୫ ଜିଲ୍ଲାରେ ୭୩ ଆମ ହସ୍ପିଟାଲ

**ଭୁବନେଶ୍ୱର, ୧୭।୨**

**ନ୍ୟୁଜ୍ ବ୍ୟୁରୋ**

ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ୧୫ଟି ଜିଲ୍ଲାରେ ୭୩ଟି ଆମ ହସ୍ପିଟାଲ, ୫ଟି ଉପଖଣ୍ଡସ୍ତରୀୟ ଡାଏଲେସିସ୍ ସେଣ୍ଟର ଲୋକାର୍ପଣ କରିବା ସହିତ ରାଜ୍ୟର ସମସ୍ତ ଜିଲ୍ଲା ସଦରମହକୁମା ଡାକ୍ତରଖାନାରେ ଆଇଭିଆରଏସ୍ ପଦ୍ଧତିରେ ରୋଗୀ ମତାମତ ସଂଗ୍ରହ ବ୍ୟବସ୍ଥା ଓ କର୍ମଚାରୀମାନଙ୍କର ମୁହଁ ଚିହ୍ନଟ ମାଧ୍ୟମରେ ଉପସ୍ଥାନ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି ।

ସୂଚନାଯୋଗ୍ୟ ଯେ ବରଗଡ ଜିଲ୍ଲାରେ ୫ଟି, ସୁନ୍ଦରଗଡ ଜିଲ୍ଲାରେ ୭ଟି, ସମ୍ବଲପୁର ଜିଲ୍ଲାରେ ୪ଟି, ଢେଙ୍କାନାଳ ଜିଲ୍ଲାରେ ୪ଟି, କେନ୍ଦୁଝର ଜିଲ୍ଲାରେ ୬ଟି, ଝାରସୁଗୁଡା ଜିଲ୍ଲାରେ ୨ଟି, ଜଗତସିଂହପୁର ଜିଲ୍ଲାରେ ୪ଟି, କେନ୍ଦ୍ରାପଡା ଜିଲ୍ଲାରେ ୫ଟି, ମୟୁରଭଞ୍ଜ ଜିଲ୍ଲାରେ ୯ଟି, ଗଞ୍ଜାମ ଜିଲ୍ଲାରେ ୧୩ଟି, କଳାହାଣ୍ଡି ଜିଲ୍ଲାରେ ୪ଟି ରାୟଗଡା ଜିଲ୍ଲାରେ ୪ଟି, ନୂଆପଡା ଜିଲ୍ଲାରେ ୨ଟି, ମାଲକାନଗିରି ଜିଲ୍ଲାରେ ୨ଟି ଓ କନ୍ଧମାଳ ଜିଲ୍ଲାରେ ୩ଟି, ଏହି ପରି ସମୁଦାୟ ୭୩ଟି ରୂପାନ୍ତରିତ ଆମ ହସ୍ପିଟାଲ ଶନିବାର ଲୋକାର୍ପିତ ହୋଇଛି ।



ଏଥି ସହିତ ମୟୁରଭଞ୍ଜ କରଞ୍ଜିଆ ଉପଖଣ୍ଡ ଡାକ୍ତରଖାନା, ସମ୍ବଲପୁର କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନା, ଗଞ୍ଜାମ ହିଞ୍ଜିଳିକାଟୁ ଉପଖଣ୍ଡ ଡାକ୍ତରଖାନା, ନୂଆପଡା ଖରିଆର ଉପଖଣ୍ଡ ଡାକ୍ତରଖାନା ଓ ବରଗଡର ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାରେ ୫-ଟି ନୂତନ ଉପଖଣ୍ଡସ୍ତରୀୟ ଡାଏଲେସିସ୍ କେନ୍ଦ୍ର ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହୋଇଛି ।

ଲୋକାର୍ପଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ଯୋଗଦେଇ କହିଲେ ଯେ ଆମ ହସ୍ପିଟାଲରେ ସବୁ ବ୍ୟବସ୍ଥା ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି କରାଯାଇଛି । ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଉଛି ରୋଗୀଙ୍କୁ ସୁବିଧାରେ ଉନ୍ନତ ଚିକିତ୍ସା ସୁବିଧା ଯୋଗାଇ ଦେବା । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆମ ହସ୍ପିଟାଲ ଗୁଡିକ ଏକ ନୂଆ ଯୁଗ ରାଜ୍ୟରେ ଆରମ୍ଭ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ସେ ଆହୁରି ମଧ୍ୟ କହିଥିଲେ ଯେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରୂପାନ୍ତରର ଚିତ୍ରକୁ ଆମ ହସ୍ପିଟାଲ ଆହୁରି ଉଜ୍ଜ୍ୱଳ କରିବ । ୫-ଟି ଅଧ୍ୟକ୍ଷଙ୍କ ଜିଲ୍ଲା ଗସ୍ତରୁ ମିଳିଥିବା ପ୍ରସ୍ତାବ ଓ ମୋ ସରକାର ଜନମତ ସଂଗ୍ରହ ଭିତ୍ତିରେ ଆମ ହସ୍ପିଟାଲ ଆରମ୍ଭ କରାଯାଇଛି ବୋଲି ସେ କହିଥିଲେ । ଏହା ସରକାରୀ ସ୍ତରରେ ଆମର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନ ବୋଲି କହି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୫-ଟି ଉପକ୍ରମରେ ହସ୍ପିଟାଲ ଗୁଡିକର ଭିତ୍ତିଭୂମି ବ୍ୟବସ୍ଥା, ରୋଗୀମାନଙ୍କ ପାଇଁ ମୌଳିକ ସୁବିଧା ସୁଯୋଗ ଏବଂ ସେବା ଯୋଗାଇବା ପଦ୍ଧତିରେ *(ପୃଷ୍ଠା ୭ରେ)*

## ବିଦ୍ୟାଳୟ ପାଚିକାମାନଙ୍କ ପାରିଶ୍ରମିକ ୨ ହଜାର ଟଙ୍କାକୁ ବୃଦ୍ଧି

**ଭୁବନେଶ୍ୱର, ୧୭।୨**

**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ବିଭିନ୍ନ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଯୋଜନାରେ ପାଚିକା ତଥା ସହାୟିକା ଭାବରେ କାମ କରୁଥିବା କର୍ମଚାରୀମାନଙ୍କ ପାରିଶ୍ରମିକ ରାଶିରେ ବୃଦ୍ଧି ଘୋଷଣା କରିଛନ୍ତି । ପାଚିକା ଓ ସହାୟିକାମାନଙ୍କ ପାରିଶ୍ରମିକ ରାଶି ୧,୪୦୦ ଟଙ୍କା ରୁ ୨,୦୦୦ ଟଙ୍କାକୁ ବୃଦ୍ଧି ପାଇଛି । *(ପୃଷ୍ଠା ୭ରେ)*

## ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

# କୃଷକ ସାଥିଙ୍କ ଆବଶ୍ୟକୀୟ ଖର୍ଚ୍ଚ ପରିମାଣ ବାର୍ଷିକ ୧୨ ହଜାରୁ ୧୮ ହଜାରକୁ ବୃଦ୍ଧି

**ଭୁବନେଶ୍ୱର, ୧୭।୨**

**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ରାଜ୍ୟର କୃଷକ ସାଥି ମାନଙ୍କ ଆବଶ୍ୟକ ଖର୍ଚ୍ଚ ପାଇଁ ସହାୟତା ରାଶିର ପରିମାଣ ବୃଦ୍ଧି ଘୋଷଣା କରିଛନ୍ତି । ସେମାନଙ୍କ ଆବଶ୍ୟକ ଖର୍ଚ୍ଚ ପାଇଁ ସହାୟତା ପରିମାଣ ବର୍ଷକୁ ୧୨ ହଜାର ଟଙ୍କାରୁ ୧୮



ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି । ଏହାଦ୍ୱାରା ରାଜ୍ୟର ୧୩,୬୦୦ କୃଷକ ସାଥି ଉପକୃତ ହେବେ । ଏହି ବର୍ଦ୍ଧିତ ପରିମାଣ ପିଛିଲା ଭାବେ ଅକ୍ଟୋବର ୨୦୨୩ରୁ ଲାଗୁ ହେବ ।

ସୂଚନାଯୋଗ୍ୟ ଯେ କୃଷି ପ୍ରସାରଣ କାର୍ଯ୍ୟରେ ସହାୟତା ପାଇଁ ରାଜ୍ୟ ସରକାର ୨୦୦୭-୨୦୦୮ ମସିହାରେ ରାଜ୍ୟର ଅଗ୍ରଣୀ ଚାଷୀ ମାନଙ୍କୁ କୃଷକ ସାଥି ଭାବେ ନିଯୁକ୍ତି ଦେଇଥିଲେ । *(ପୃଷ୍ଠା ୭ରେ)*

# ସବୁ ଦଳ ପ୍ରତି ସମାନ ଆଚରଣ ପ୍ରଦର୍ଶନ କରିବାକୁ ରାଜ୍ୟର ସମସ୍ତ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଇସିଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୭।୨**

**ନ୍ୟୁଜ୍ ବ୍ୟୁରୋ**

୨୦୨୪ରେ ଉଭୟ ଲୋକସଭା ଓ ରାଜ୍ୟ ବିଧାନସଭା ନିର୍ବାଚନ ଏକାଠି ସମ୍ପାଦନ ଲାଗି ଆମେ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ଭାରତ ମୁଖ୍ୟ ନିର୍ବାଚନ ଆୟୋଗ ପ୍ରକାଶ କରିଛନ୍ତି । ଏଥିସହ ଦେଶର ଗର୍ବ ଗଣତନ୍ତ୍ରର ଏହି ମହାନ ମତଦାନ ପର୍ବରେ ଅଧିକରୁ ଅଧିକ ସଂଖ୍ୟାରେ ବିଶେଷକରି ଯୁବକଯୁବତୀ ଭାଗ ନେଇ ମତଦାନ ହାର ବଢାଇବାକୁ ମଧ୍ୟ ଶ୍ରୀ କୁମାର ଅପିଲ କରିଛନ୍ତି । ୩ଦିନିଆ ଓଡ଼ିଶା ଗସ୍ତ ଶେଷରେ ଶନିବାର ଅପରାହ୍ନରେ




ଭୁବନେଶ୍ୱର ମେଫେୟାର ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ କୁମାର ଆଗାମୀ ନିର୍ବାଚନ ପ୍ରସ୍ତୁତି ଓ ପରିଚାଳନା ବାବଦରେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ବିସ୍ତୃତ ଭାବେ ସମୀକ୍ଷା କରାଯିବା ସହ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମଧ୍ୟ ସୂଚନା ଦେଇଛନ୍ତି । ଆଗାମୀ ନିର୍ବାଚନକୁ ଯଥା ସମ୍ଭବ ମୁକ୍ତ, ଅବାଧ, ହିଂସାମୁକ୍ତ ବିଶେଷକରି ସ୍ୱଚ୍ଛତାର ସହ ସମ୍ପାଦନ ନିମନ୍ତେ ଆୟୋଗଙ୍କ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସେ କହିଛନ୍ତି । ସେହିପରି ଶାସକ ଦଳ ସମେତ ଯେକୌଣସି ରାଜନୈତିକ ଦଳ ବିରୋଧରେ ନିର୍ବାଚନ ସମୟରେ ଅନିୟମିତତା ଅଭିଯୋଗ ଆସିଲେ ତାହାର ଉପଯୁକ୍ତ ଯାଞ୍ଚ *(ପୃଷ୍ଠା ୭ରେ)*

## ପୁରୀ ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କଲେ ୫-ଟି ଅଧ୍ୟକ୍ଷ



**ପୁରୀ, ୧୭।୨**

**ନ୍ୟୁଜ୍ ବ୍ୟୁରୋ**

୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଶନିବାର ପୁରୀ ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିଛନ୍ତି । ୫-ଟି ଅଧ୍ୟକ୍ଷ ମନ୍ଦିର ପରିସରରେ ପ୍ରାୟ ୪୫ ମିନିଟ ରହିବା ପରେ ବାହାରକୁ ଆସିଥିଲେ । ପରେ ଶ୍ରୀମନ୍ଦିର ପରିକ୍ରମା ମାର୍ଗରେ ପ୍ରଦକ୍ଷିଣ କରିଥିଲେ ୫-ଟି ଅଧ୍ୟକ୍ଷ । ଏହି ସମୟରେ ଶୁଭେଚ୍ଛୁମାନଙ୍କ ଠାରୁ ଅଭିବାଦନ ଗ୍ରହଣ କରିଥିଲେ ଶ୍ରୀ ପାଣ୍ଡିଆନ୍ । *(ପୃଷ୍ଠା ୭ରେ)*

# ୪ ଜଣଙ୍କୁ ନିର୍ମମ ହତ୍ୟା : ରେଳ ଟ୍ରାକରୁ ମିଳିଲା ଖଣ୍ଡବିଖଣ୍ଡିତ ମୃତଦେହ

**ତାଳାବୁରୁ, ୧୭।୨**

ଓଡ଼ିଶା ଝାଡ଼ଖଣ୍ଡ ସୀମାନ୍ତ ପଶ୍ଚିମ ସିଂହଭୂମ ଜିଲ୍ଲାର ତାଳାବୁରୁ ଏବଂ କେନ୍ଦୋପୋସି ରେଳ ଷ୍ଟେସନ ନିକଟ ଟ୍ରାକ୍‌ରେ ଦେଖିବାକୁ ମିଳିଛି ଅତି ବୀଭତ୍ସ ଦୃଶ୍ୟ । ଚକ୍ରଧରପୁର ରେଳ ବିଭାଗ ଅଧୀନରେ ଯାଉଥିବା ରେଳ ଟ୍ରାକ ଭିତରେ ଓ ବାହାରେ ବିକ୍ଷିପ୍ତ ହୋଇ ପଡ଼ିଛି ୪ଟି ମୃତଦେହ । ମୃତକଙ୍କ ମଧ୍ୟରେ ଜଣେ ପୁରୁଷ, ଜଣେ ମହିଳା ଥିବା ବେଳେ ଆଉ ୨ ଜଣ ଶିଶୁ ଅଛନ୍ତି । ଝାଡ଼ଖଣ୍ଡର ହାଟଗହ୍ମାରିଆ ଥାନା ଅଞ୍ଚଳରେ ଘଟିଛି *(ପୃଷ୍ଠା ୭ରେ)*

# ଗୁଲଜାର ଓ ଜଗଦଗୁରୁ ରାମଭଦ୍ରାଚାର୍ଯ୍ୟ ପାଇବେ ଜ୍ଞାନପୀଠ ପୁରସ୍କାର

**ନୂଆଦିଲ୍ଲୀ, ୧୭।୨**

ସଂସ୍କୃତ ବିଦ୍ୱାନ ଜଗଦଗୁରୁ ରାମଭଦ୍ରାଚାର୍ଯ୍ୟ ଓ ପ୍ରସିଦ୍ଧ ଉର୍ଦ୍ଦୁ କବି ତଥା ଗୀତିକାର ଗୁଲଜାରଙ୍କୁ ପ୍ରଦାନ କରାଯିବ ୫୮ତମ ଜ୍ଞାନପୀଠ ପୁରସ୍କାର । ଶନିବାର ଜ୍ଞାନପୀଠ ଚୟନ କମିଟି ପକ୍ଷରୁ କରାଯାଇଛି ଏହି ଘୋଷଣା ।

ଜ୍ଞାନପୀଠ ଚୟନ କମିଟି ଜାରି କରିଥିବା



ବୟାନରେ କୁହାଯାଇଛି, ୨୦୨୩ ବର୍ଷ ପାଇଁ ଦୁଇଟି ଭାଷାର ଦୁଇ ଜଣ ପ୍ରସିଦ୍ଧ ଲେଖକଙ୍କୁ ଜ୍ଞାନପୀଠ ପୁରସ୍କାର ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି । ସଂସ୍କୃତ ସାହିତ୍ୟିକ ଜଗଦଗୁରୁ ରାମଭଦ୍ରାଚାର୍ଯ୍ୟ ଓ ଉର୍ଦ୍ଦୁ ସାହିତ୍ୟିକ ଶ୍ରୀ ଗୁଲଜାରଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ ।

ଗୁଲଜାର ହେଉଛନ୍ତି ଜଣେ ପ୍ରସିଦ୍ଧ ଉର୍ଦ୍ଦୁ କବି । ତାଙ୍କୁ ଶ୍ରେଷ୍ଠ ଉର୍ଦ୍ଦୁ କବିଙ୍କ ମଧ୍ୟରେ ଗଣନା କରାଯାଏ । *(ପୃଷ୍ଠା ୭ରେ)*

## ଆପାର୍ଟମେଣ୍ଟ ପଞ୍ଜିକରଣ ପାଇଁ ଫିଟିଲା ବାଟ

**ଭୁବନେଶ୍ୱର, ୧୭।୨**

**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ଆପାର୍ଟମେଣ୍ଟ ଆକ୍ଟର ଚିଠା ରୁଲ୍ ନେଇ ବିଜ୍ଞପ୍ତି ପ୍ରକାଶ କରିଛି ନଗର ଉନ୍ନୟନ ବିଭାଗ । ରେରା ଆଇନ ଅନୁସାରେ ମାଲିକାନା ସତ୍ତ୍ୱ ଠିକ ନ ଥିବାରୁ *(ପୃଷ୍ଠା ୭ରେ)*

# ବାବା ଭେଙ୍ଗା ୨୦୨୪ ପାଇଁ କରିଛନ୍ତି ଏହି ଭବିଷ୍ୟବାଣୀ



**ସୋଫିଆ, ୧୭।୨**

ବୁଲଗେରିଆର ରହସ୍ୟମୟ ବାବା ଭେଙ୍ଗା ତାଙ୍କ ଜୀବନ କାଳରେ ଅନେକ ଭବିଷ୍ୟବାଣୀ କରିଛନ୍ତି, ଯାହାକୁ ଅନେକ ଲୋକ ସତ୍ୟ ହୁଏ ବୋଲି କହିଛନ୍ତି । ବାଲକାନର ନୋଷ୍ଟ୍ରାଡାମସ ନାମରେ ମଧ୍ୟ ଜଣାଶୁଣା । ବାବା ଭେଙ୍ଗା ୯/୧୧ ଆତଙ୍କବାଦୀ ଆକ୍ରମଣ, ରାଜକୁମାରୀ ଡାଏନାଙ୍କ ମୃତ୍ୟୁ, ଚେର୍ନୋବିଲ ବିପର୍ଯ୍ୟୟ ଏବଂ ବ୍ରେକ୍ସିଟ ଭଳି ପ୍ରମୁଖ ବିଶ୍ୱ ଘଟଣା ବିଷୟରେ ପୂର୍ବାନୁମାନ କରିଥିବା କୁହାଯାଉଛି । ତେବେ ୨୦୨୪ ସେ ଅନେକ ଭବିଷ୍ୟବାଣୀ କରିଛନ୍ତି ଏବଂ ସେଥି ମଧ୍ୟରୁ କେତେକ ସତ୍ୟ ମଧ୍ୟ ହୋଇଛି । ଜାପାନ ଏବଂ ବ୍ରିଟେନ ଭଳି ଦେଶଗୁଡିକ ଅର୍ଥନୈତିକ ସଙ୍କଟ ଏବଂ ରୁଷିଆ ଦ୍ୱାରା କର୍କଟ ଟିକାକରଣର ବିକାଶ ।

ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ନିକଟରେ କହିଛନ୍ତି ରୁଷିଆର ବୈଜ୍ଞାନିକମାନେ କର୍କଟ ରୋଗ ପାଇଁ ଏକ ଟିକା ତିଆରି କରିବାକୁ ନିକଟତର, ଯାହା ଶୀଘ୍ର ରୋଗୀମାନଙ୍କ ପାଇଁ ଉପଲବ୍ଧ ହୋଇପାରିବ । ବାବା ଭେଙ୍ଗା ମଧ୍ୟ ପୂର୍ବାନୁମାନ କରିଛନ୍ତି ଯେ, ୨୦୨୪ରେ ଏକ ପ୍ରମୁଖ ଅର୍ଥନୈତିକ ସଙ୍କଟ ଘଟିବ ଯାହା ବିଶ୍ୱ ଅର୍ଥନୀତି ଉପରେ ପ୍ରଭାବ ପକାଇବ ।

ୟୁରୋପରେ ଆତଙ୍କବାଦୀ ଆକ୍ରମଣ ବୃଦ୍ଧି ହେବାର *(ପୃଷ୍ଠା ୭ରେ)*

# ଇସ୍ରୋର ଇନସାଟ୍-୩ଡିଏସ୍ ଉତ୍କ୍ଷେପଣ ସଫଳ

**ନୂଆଦିଲ୍ଲୀ, ୧୭।୨**

ମହାକାଶ ଗବେଷଣା କ୍ଷେତ୍ରରେ ଇସ୍ରୋକୁ ଆଉ ଏକ ସଫଳତା ମିଳିଛି । ପାଣିପାଗ ଉପଗ୍ରହ ଇନସାଟ୍-୩ଡିଏସ୍‌ର ଉତ୍କ୍ଷେପଣ ସଫଳ ହୋଇଛି । ଶନିବାର ଆନ୍ଧ୍ରପ୍ରଦେଶ ସ୍ଥିତ ଶ୍ରୀହରିକୋଟା ସତୀଶ ଧାୱନ ସ୍ପେସ ସେଣ୍ଟରରୁ ଇନ୍‌ସାଟ୍-୩ଡିଏସ୍‌ର ସଫଳତାପୂର୍ବକ ଉତ୍କ୍ଷେପଣ କରିଛି ଇସ୍ରୋ ।

ଜିଓସିଙ୍କ୍ରୋନସ ସାଟେଲାଇଟ ଲଞ୍ଚ ଭେଇକିଲ ଜିଏସ୍‌ଏଲଭି-୧୪ ମାଧ୍ୟମରେ ଉତ୍କ୍ଷେପଣ ହୋଇଛି ଇନ୍‌ସାଟ୍-୩ଡିଏସ୍ ବା ଇନସାଟ୍-୩ଡିଏସ୍ । ଏହି ସାଟେଲାଇଟ ମାଧ୍ୟମରେ ଏକ ମହତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ରଖିଛି



ଇସ୍ରୋ । ଇସ୍ରୋ ଜିଓଷ୍ଟେସନାରୀ କକ୍ଷପଥରେ ସ୍ଥାନିତ ହେବାକୁ ଥିବା ପାଣିପାଗ ଉପଗ୍ରହ ତୃତୀୟ ପିଢିର ନୂଆ ମିଶନ ହେଉଛି ଇନସାଟ୍-୩ଡିଏସ୍ । ଏହା ଜିଓଷ୍ଟେସନାରୀ କକ୍ଷପଥରେ ପହଞ୍ଚିବା ପରେ ପାଣିପାଗ ବାବଦରେ ସଠିକ ପୂର୍ବାନୁମାନ ପାଇବା ସହଜ ହେବ । *(ପୃଷ୍ଠା ୭ରେ)*


TATA MOTORS

Light Commercial Vehicles Dealers

24 hours help line :

Sales : 7873770000

କ୍ୟାପ୍ ପିନ୍ଧିଲେ ରେକର୍ଡ ଭାଙ୍ଗିଲେ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

ଧର୍ମଣେ ବାଧ୍ୟକାରଣେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ-୩୧ ● ସଂଖ୍ୟା-୨୩ ● ୧୮ ଫେବୃୟାରୀ ୨୦୨୪, ରବିବାର ● ଭୁବନେଶ୍ୱର ● Vol -31 ● Issue-23 ● 18th February 2024, Sunday ● Bhubaneswar

Licensed to post without pre-payment of postage No- BN-60/22-24



DSPL-668

ଓଡ଼ିଶା ସରକାର

ଆମ ଓଡ଼ିଶା ନବୀନ ଓଡ଼ିଶା





## ଉଚ୍ଚ ଶିକ୍ଷାରେ ଅର୍ଥ ଆଉ ସାଜିବନି ବାଧକ
## ନୂଆ-ଓ ଛାତ୍ରବୃତ୍ତି ହେବ ସହାୟକ।

- ଓଡ଼ିଶାରେ ଉଚ୍ଚ ଶିକ୍ଷାର ରୂପାନ୍ତରଣ, ମାନବୃଦ୍ଧି ଓ ଛାତ୍ରଛାତ୍ରୀମାନଙ୍କ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର 'ନୂଆ-ଓ ଛାତ୍ରବୃତ୍ତି' ଆରମ୍ଭ କରିଛନ୍ତି।
- ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ରାଜ୍ୟର ସମସ୍ତ ରାଜ୍ୟ ବିଶ୍ୱବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ, ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଏବଂ ବିଶେଷକରି ସାମ୍ସ (SAMS) ପୋର୍ଟାଲ ମାଧ୍ୟମରେ ପ୍ରବେଶ ନେଉଥିବା ବେସରକାରୀ ମହାବିଦ୍ୟାଳୟମାନେ ଏହି ଯୋଜନାରେ ସାମିଲ ହେବେ।
- ଉପରୋକ୍ତ ଶିକ୍ଷାନୁଷ୍ଠାନରେ ପଢୁଥିବା ଯୋଗ୍ୟ ୟୁଜି/ପିଜି ଛାତ୍ରଛାତ୍ରୀ ନୂଆ-ଓ ଛାତ୍ରବୃତ୍ତି ପରିସରଗତ ହେବେ (ସେଲ୍ଫ ଫାଇନାନ୍ସିଙ୍ଗ କୋର୍ସ in PPP Mode ବ୍ୟତୀତ)।
- ଛାତ୍ରମାନଙ୍କୁ ୯ ହଜାର ଟଙ୍କା ଓ ଛାତ୍ରୀମାନଙ୍କୁ ୧୦ ହଜାର ଟଙ୍କାର ବାର୍ଷିକ ବୃତ୍ତି ଯୋଗାଇ ଦିଆଯିବ।
- ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ତଥା ନିର୍ମାଣ ଶ୍ରମିକଙ୍କ ପୁଅଙ୍କୁ ୧୦ହଜାର ଓ ଝିଅଙ୍କୁ ୧୧ହଜାର ଟଙ୍କାର ବାର୍ଷିକ ଛାତ୍ରବୃତ୍ତି ଯୋଗାଇ ଦିଆଯାଉଛି।
- କାଳିଆ ବୃତ୍ତି ପାଉଥିଲେ ପିଲାମାନେ ଏହି ଯୋଜନାର ଲାଭ ପାଇପାରିବେ ନାହିଁ।
- ଯେଉଁ ପିଲାମାନଙ୍କ ବାପା/ମା ଆୟକର ପରିସରଭୁକ୍ତ ଥିବେ କିମ୍ବା ରେଗୁଲାର ସରକାରୀ ଚାକିରିରେ ଥିବେ / PSU / AUTONOMOUS BODIES ରେ ଥିବେ କିମ୍ବା ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନମାନଙ୍କରେ ଅନୁଦାନପ୍ରାପ୍ତ କରୁଥିବେ, ସେମାନେ ଏହି ଯୋଜନା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ।
- କେବଳ ସ୍ୱ ଆର୍ଥିକ ପ୍ରଦତ୍ତ ପାଠ୍ୟକ୍ରମ ବ୍ୟବସ୍ଥା (ସେଲ୍ଫ ଫାଇନାନ୍ସିଙ୍ଗ କୋର୍ସ in PPP Mode), distance course, Open School ଇତ୍ୟାଦି ଜରିଆରେ ପଢୁଥିବା ଛାତ୍ରଛାତ୍ରୀ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବେ ନାହିଁ।
- ଡ଼ିବିଟି (DBT) ବା ସିଧାସଳଖ ଛାତ୍ରଛାତ୍ରୀଙ୍କ ଆକାଉଣ୍ଟକୁ ବୃତ୍ତି ବାବଦରେ ଅର୍ଥରାଶି ପଠାଯିବ। ଏଥିନିମନ୍ତେ ଛାତ୍ରଛାତ୍ରୀ ଆବେଦନ ସମୟରେ ଏକ ନିଜସ୍ୱ ଘୋଷଣାନାମା ଦାଖଲ କରିବେ।
- ଉଚ୍ଚ ଶିକ୍ଷାରେ ଉତ୍କର୍ଷ ଓ ଗୁଣବତ୍ତାର ଅଭିବୃଦ୍ଧି ନିମନ୍ତେ ସରକାରଙ୍କ ଏହି ପ୍ରଚେଷ୍ଟା ଶିକ୍ଷାରେ ଆର୍ଥିକ ପ୍ରତିବନ୍ଧକକୁ ଏଡାଇବାରେ ସକ୍ଷମ ହେବ।



@DHE_Odisha

@hedodisha

www.fb.com/dheodisha

0674-2323401, 2323402, 2323403 2323404

https://scholarship.odisha.gov.in

scholarshiped@gmail.com

ଉଚ୍ଚ ଶିକ୍ଷା ବିଭାଗ


OIPR : 11001/13/0074/2324

# ଅଶୋଧିତ ତେଲ, ସୁନା ଆମଦାନି ବଢ଼ିଲା

ବିଶ୍ୱର ଏକ ପ୍ରମୁଖ ବାଣିଜ୍ୟ ଜଳପଥ ଲୋହିତ ସାଗରରେ ଲାଗିରହିଥିବା ସମସ୍ୟା ଭାରତର ରପ୍ତାନିକୁ ବିଶେଷ ଭାବେ ପ୍ରଭାବିତ କରିପାରିନାହିଁ। କେବଳ ଏହା ନୁହେଁ ବହୁ ଦେଶ ମାନ୍ଦାବସ୍ଥା ଦେଇ ଗତି କରୁଥିବା ସତ୍ତ୍ୱେ ଦେଶର ରପ୍ତାନି ଜାନୁଆରୀରେ ବଢ଼ିଛି। ସରକାରୀ ତଥ୍ୟ ଅନୁଯାୟୀ ଚଳିତ ବର୍ଷ ଜାନୁଆରିରେ ଦେଶର ରପ୍ତାନି ୩.୧୨ ପ୍ରତିଶତ ବୃଦ୍ଧି ପାଇ ୩୬୯୨ କୋଟି ଡଲାର ହୋଇଛି। ଫଳରେ ଦେଶର ବାଣିଜ୍ୟ ନିଅଣ୍ଟ ୧୭୪୯ କୋଟି ଡଲାରକୁ ହ୍ରାସ ପାଇଛି।

ଜାନୁଆରୀର ରପ୍ତାନି ବୃଦ୍ଧି ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ, କାରଣ ଏହାର ପୂର୍ବ ଦୁଇ ମାସରେ ରପ୍ତାନି ହ୍ରାସ ପାଇଥିଲା। ଅବଶ୍ୟ ଚଳିତ ବର୍ଷ ଜାନୁଆରିରେ ଆମଦାନି ୩ ପ୍ରତିଶତ ବୃଦ୍ଧି ପାଇ ୫୪୪୧ କୋଟି ଡଲାର ହୋଇଛି। ଆଲୋଚ୍ୟ ମାସରେ ଅଶୋଧିତ ତୈଳ ଆମଦାନି ୪.୩୩ ପ୍ରତିଶତ ବୃଦ୍ଧି ପାଇ ୧୬୫୬ କୋଟି ଡଲାର ହୋଇଥିବା ବେଳେ ସୁନା ଆମଦାନି ୧୭୪ ପ୍ରତିଶତ ବୃଦ୍ଧି ପାଇ ୧୯୦ କୋଟି ଡଲାର ହୋଇଛି। ଏହି ମାସରେ ଲୁହାପଥର, ମସଲା, ତୈଳବୀଜ, ଗାଲିଚା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଚା', ଔଷଧ, ପେଟ୍ରୋଲିୟମ୍ ଉତ୍ପାଦ, କଫି, ଇଞ୍ଜିନିୟରିଂ ଉତ୍ପାଦ ଓ ରାସାୟନିକ ସାମଗ୍ରୀ ରପ୍ତାନି ବଢ଼ିଛି। ୨୦୨୩ ଏପ୍ରିଲ୍ରୁ ୨୦୨୪ ଜାନୁଆରି ମଧ୍ୟରେ ଦେଶର ରପ୍ତାନି ୪.୮୯ ପ୍ରତିଶତ ବୃଦ୍ଧି ପାଇ ୩୫,୩୯୨ କୋଟି ଡଲାର ହୋଇଛି। ଏହି ସମୟରେ ଆମଦାନି ୬.୭୧ ପ୍ରତିଶତ କମ୍ ହୋଇ ୫୬,୧୧୨ କୋଟି ଡଲାର ହୋଇଛି। ଏହି ଅବସରରେ ବାଣିଜ୍ୟ ସଚିବ ସୁନିଲ ବର୍ଥୱାଲ କହିଛନ୍ତି ଯେ ଲୋହିତ ସାଗର ସମସ୍ୟାକୁ ନେଇ ସରକାର ରପ୍ତାନିକାରୀ ଓ ସଂପୃକ୍ତ ମନ୍ତ୍ରଣାଳୟ ସହ ଆଲୋଚନା କରିଥିଲେ। ରପ୍ତାନିକାରୀଙ୍କୁ ଯଥା ସମ୍ଭବ ସର୍ବାଧିକ ଋଣ ଯୋଗାଇବା ଲାଗି ବ୍ୟାଙ୍କଗୁଡ଼ିକୁ କୁହାଯାଇଥିଲା। ବୀମା ପ୍ରିମିୟମ୍ ନବଢ଼ାଇବା ଲାଗି ଏକ୍ଜିମ୍ ବ୍ୟାଙ୍କ ଓ ଇସିଜିସିକୁ କୁହାଯାଇଥିଲା। ଫଳରେ ରପ୍ତାନି ବୃଦ୍ଧି ଲାଗି ଏକ ଅନୁକୂଳ ପରିବେଶ ସୃଷ୍ଟି ହୋଇଥିଲା ବୋଲି ସେ କହିଛନ୍ତି। ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି ଯେ ବିଶ୍ୱ ରପ୍ତାନି ପ୍ରତି ଭାରତର ଅବଦାନ ୨୦୨୨ ସୁଦ୍ଧା ୧୦.୩୫ ପ୍ରତିଶତକୁ ବୃଦ୍ଧି ପାଇଛି। ୨୦୧୪ରେ ଏହି ହାର ୮ ପ୍ରତିଶତ ଥିଲା।

# କଠୋର ବାସ୍ତବତାର ଆହ୍ୱାନ



ମାୟାଧର ନାୟକ
ଯାଜପୁରରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩
E-mail : mayadharnayak2014@gmail.com

ଯେଉଁମାନଙ୍କ ଲୁହଲହୁରେ ସାରା ଦୁନିଆର ସଂପଦ ଗଢ଼ିଉଠିଲା, ସେହି ଶ୍ରମଜୀବୀ ଶ୍ରେଣୀକୁ ଭୋକ, ଶୋଷ, ଦୁଃଖ, କଷ୍ଟ, ନିର୍ଯାତନାରେ ଡହଳବିକଳ ହୋଇ ମରିଯିବା ଦେଖି ସେଦିନ କାର୍ଲ ମାର୍କ୍ସ ଧୈର୍ଯ୍ୟ ଧରି ରହିପାରିନଥିଲେ। ଶୋଷଣର କାରଣ ଖୋଜିବାକୁ ଯାଇ ଦିନରାତି ବିଶ୍ୱର ମହାମନୀଷୀଙ୍କ ପୁସ୍ତକ ପଢ଼ିବାରେ ଲାଗିଲେ। ଲେଖିଲେ ଦାସ କ୍ୟାପିଟାଲ। ଉଦ୍‌ଭାବନ କଲେ ବୈଜ୍ଞାନିକ ସମାଜତତ୍ତ୍ୱ । ଘୋଷଣା କଲେ – ସର୍ବହରାର ହରେଇବାର କିଛି ନାହିଁ, କେବଳ ଶୃଙ୍ଖଳା ଛଡ଼ା। ଦୁନିଆର ମଜଦୁର ଏକ ହୁଅ । ବଂଚିବା ପାଇଁ ଲଢ଼େଇ କର । ସେଦିନ ମାର୍କ୍ସଙ୍କର ଏହି କଠୋର ବାସ୍ତବତାକୁ ପୁଂଜିବାଦୀ ସାମ୍ରାଜବାଦୀ ଦେଶମାନେ ହସି ଉଡାଇଦେଇଥିଲେ । ମାର୍କ୍ସ କହିଥିଲେ : ପୁଂଜିବାଦ-ସାମ୍ରାଜ୍ୟବାଦର ଏକମାତ୍ର ବିକଳ୍ପ ସମାଜବାଦ-ସାମ୍ୟବାଦ।

ସମଗ୍ର ବିଶ୍ୱରେ ଏବେ ପୁଞ୍ଜିବାଦ ଗୁରୁତର ସଂକଟର ସମ୍ମୁଖୀନ। ଏଭଳି ପରିସ୍ଥିତିରେ ପାଶ୍ଚାତ୍ୟ ସମାଜ ପୁଣି ଥରେ ସାମ୍ୟବାଦର ମହାନ୍ ଚିନ୍ତାନାୟକ କାର୍ଲ ମାର୍କ୍ସଙ୍କ ଆଡ଼କୁ ମୁହଁ ଫେରାଉଛି। ୟୁରୋପରେ ସମ୍ପ୍ରତି ମାର୍କ୍ସଙ୍କ ଯୁଗାନ୍ତକାରୀ ପୁସ୍ତକ 'ଦାସ କାପିଟାଲ'ର ବିକ୍ରି ଯଥେଷ୍ଟ ବଢ଼ିଛି। ବିଶେଷକରି ମାର୍କ୍ସଙ୍କ ନିଜ ଦେଶ ଜର୍ମାନୀରେ ଏହି ପୁସ୍ତକର ଚାହିଦା ଏତେ ବଢ଼ିଛିଯେ ଏହା ଆଉ କିଣିବାକୁ ମିଳୁ ନାହୁଁ। ବିଫଳ ବ୍ୟାଙ୍କର ଓ ମୁକ୍ତ-ବଜାର ଅର୍ଥନୀତିଜ୍ଞ ଏହି ବହି ପଢ଼ି ସାମ୍ପ୍ରତିକ ବିଶ୍ୱ ଅର୍ଥନୈତିକ ବିପର୍ଯ୍ୟୟ ସମ୍ପର୍କରେ କାରଣ ଅନୁଧ୍ୟାନ କରୁଛନ୍ତି। କେବଳ ସେତିକି ନୁହେଁ; ଜର୍ମାନୀରେ ଏବେ କାର୍ଲ ମାର୍କ୍ସ ଓ ଫ୍ରେଡ଼େରିକ ଏଙ୍ଗେଲସ୍‌ଙ୍କ ପୁସ୍ତକସମୂହର ବିକ୍ରିବଟା ତିନିଗୁଣ ବଢ଼ିଛି। ଯୁବପିଢ଼ି ଏବେ ମାର୍କ୍ସଙ୍କ ଲେଖା ପ୍ରତିବେଶି ଆଗ୍ରହ ପ୍ରକାଶ କରୁଛନ୍ତି ଓ ସାମ୍ପ୍ରତିକ ବିଶ୍ୱ ଆର୍ଥିକ ଅବସ୍ଥିତି ପରିପ୍ରେକ୍ଷୀରେ ନବ୍ୟ-ଉଦାରବାଦ କିପରି ବିଫଳ ହୋଇଛି, ତାହାକୁ ସ୍ୱୀକାର କରୁଛନ୍ତି। ଆହୁରି ଉଲ୍ଲେଖନୀୟ ଘଟଣାହେଲା ଟ୍ରୟରସ୍ଥିତ ମାର୍କ୍ସଙ୍କ ଜନ୍ମସ୍ଥଳୀକୁ ଦର୍ଶକଙ୍କ ସଂଖ୍ୟା ନାଟକୀୟ ଭାବେ ବୃଦ୍ଧି ପାଇଛି।

ଯେଉଁ ନେତାମାନେ ଏକଦା କାର୍ଲ ମାର୍କ୍ସଙ୍କୁ ତୀବ୍ର ସମାଲୋଚନା କରୁଥିଲେ, ଏବେ ସେମାନେ ଏହି ପ୍ରଖ୍ୟାତ ସାମ୍ୟବାଦୀ ଚିନ୍ତାନାୟକଙ୍କ ସାମାଜିକ-ଅର୍ଥନୀତିକୁ ଗଭୀରଭାବେ ଅନୁଧ୍ୟାନ କରୁଛନ୍ତି। ସୂଚନାଯୋଗ୍ୟ ଯେ 'ଦାସ କାପିଟାଲ'ରେ ସମାଜ ଓ ଅର୍ଥନୀତି ସମ୍ପର୍କରେ ମାର୍କ୍ସ ଅନେକ ଚିନ୍ତାଉଦ୍ରେକକାରୀ ତଥ୍ୟ ପ୍ରଦାନ କରିଛନ୍ତି। ସେହିଭଳି ମୁକ୍ତ ଅର୍ଥନୀତିର ପ୍ରମୁଖ ସମର୍ଥକ ବ୍ରିଟିଶ ଖବରକାଗଜ 'ଦି ଟାଇମ୍ସ' ଓ 'ଦି ଡେଲୀ ଟେଲିଗ୍ରାଫ୍' ହଠାତ୍ ମାର୍କ୍ସଙ୍କ ଦର୍ଶନ ପ୍ରତି ଆଗ୍ରହ ପ୍ରକାଶ କରିଛନ୍ତି। ସମସ୍ତେ ଏବେ ଅନୁଭବ କରୁଛନ୍ତି ଯେ ଅନିୟନ୍ତ୍ରିତ ପୁଞ୍ଜିବାଦ ଓ ଲଗାମଛଡା ଆର୍ଥିକ ଉଦାରବାଦର ଗୁରୁତର ପରିଣତି ସମ୍ପର୍କରେ ଏକଦା ମାର୍କ୍ସଙ୍କ ବିରୋଧୀମାନେ ଏହା ସ୍ୱୀକାର କରିବା ସବୁଠୁ ବଡ଼ କଥା। ପ୍ରତ୍ୟେକ ମଣିଷ ପାଇଁ ଖାଦ୍ୟ, ବସ୍ତ୍ର, ବାସଗୃହ ସର୍ବାଗ୍ରେ ପ୍ରୟୋଜନ; ଆଉ ସବୁ ପରେ। ଏଥିପାଇଁ ଉତ୍ପାଦନ ସାମାଜିକ ହେବ, ବଂଟନ ମଧ୍ୟ ସାମାଜିକ ହେବ। ଏହି ପ୍ରକ୍ରିୟାରେ ହିଁ ବିଶ୍ୱ ସାମ୍ୟବାଦ ପ୍ରତିଷ୍ଠାହେବ। ସମାଜବାଦରେ ପୁଂଜିର ମାଲିକ ରାଷ୍ଟ୍ର ଏବଂ ପ୍ରସାରଣ, ବିତରଣ ମଧ୍ୟ ରାଷ୍ଟ୍ରର ଦାୟିତ୍ୱ। ପୁଂଜିବାଦରେ ପୁଂଜି ମାଲିକାନା ବ୍ୟକ୍ତିଗତ ପୁଂଜିପତିଙ୍କ ଦ୍ୱାରା ସଂଚାଳନ କରାଯାଇ ବ୍ୟକ୍ତିଗତ ସ୍ୱାର୍ଥରେ ପ୍ରସାରଣ କରାଯାଉଥିବାରୁ ଦିନେ ପୁଂଜିବାଦ ନିଜେ ଖୋଳୁଥିବା ଗାତରେ ନିଜେ ସମାଧି ନେବାକୁ ବାଧ୍ୟ ହେବ।

କଥାରେ ଅଛି – ଟଂକା ଖାଇ ଗୋଡ଼ାଏ, ଟଙ୍କା ଚାହେଁ ସମସ୍ତଙ୍କ ପକେଟରେ ଘୂରିବୁଲିବାକୁ। ସେ ସମସ୍ତଙ୍କର ସେବା କରିବାକୁ ଚାହେଁ; ତାକୁ କେହି ବନ୍ଦୀ କରି ରଖିଲେ, ବିସ୍ଫୋରଣ ହେବ ହିଁ ହେବ ଯାହା ଏବେ ସମଗ୍ର ବିଶ୍ୱରେ ହୋଇଛି। କାର୍ଲ ମାର୍କ୍ସ ପୁଂଜି ପରିଚାଳନାର ବିଭିନ୍ନ ଦିଗ ସଂପର୍କରେ ବିଶଦ ଆଲୋଚନା କରିଦେଖାଇ ଦେଇଛନ୍ତି। ବର୍ତ୍ତମାନ ଆର୍ଥିକ ସଂକଟ ବେଳେ ପୁଂଜିବାଦୀଦେଶମାନେ 'ଦାସ କ୍ୟାପିଟାଲ' ଖୋଜିଖୋଜି ପଢ଼ିବାରେ ବ୍ୟସ୍ତ। ମୃତ୍ୟୁଶଯ୍ୟାରେ ଶୋଇଥିବା ପୁଂଜିବାଦକୁ ସାଲାଇନ ଦେଇ କେତେଦିନ ବଂଚେଇହେବ? ପୁଂଜିବାଦ ଧ୍ୱଂସମୁଖୀ। ଏଠାରେ ସ୍ମରଣ କରେଇ ଦିଆଯାଇପାରେ, ମାର୍କ୍ସଙ୍କ ବୈଜ୍ଞାନିକ ସମାଜବାଦ ତତ୍ତ୍ୱକୁ ଗଭୀରଭାବେ ବିଶ୍ଳେଷଣ ଓ ଅନୁଧ୍ୟାନ ତଥା ପ୍ରୟୋଗ କରି ପୁଂଜିବାଦ ସାମ୍ରାଜ୍ୟବାଦର ବକ୍ଷ ବିଦାରି ବିଶ୍ୱରେ ସର୍ବପ୍ରଥମେ ମହାନ ଲେନିନଙ୍କ ନେତୃତ୍ୱରେ ୧୯୧୭ ମସିହାରେ ସୋଭିଏତ ଋଷରେ ସମାଜବାଦ ପ୍ରତିଷ୍ଠା ହୋଇଥିଲା। ମାତ୍ର ତତ୍ତ୍ୱ ଓ କର୍ମର ସଠିକ ପ୍ରୟୋଗ ଅଭାବରୁ ୭୦ ବର୍ଷ ପରେ ସମାଜବାଦରୁ ସାମ୍ୟବାଦ ପିଚ୍ଛିଳ କଷ୍ଟସାଧ୍ୟ ରାସ୍ତାରେ ଯାଇ ନ ପାରି ପୁଣି ଶୋଷଣ ମୂଳକ ପୁଂଜିବାଦୀ ସଂଶୋଧନବାଦୀ ରାସ୍ତାକୁ ଖସି ଆସିଲା । ସାଧାରଣ ମଣିଷ, ଶ୍ରମଜୀବୀ ମଣିଷ କେବେଠୁଁ ରାସ୍ତା ହଜେଇ ଦେଇଛନ୍ତି। ଏବେ ପ୍ରାଚୀନପନ୍ଥୀ ହେଲେ ଚଳିବନାହିଁ। ନୂଆ ଚିନ୍ତା ଆବଶ୍ୟକ। ଆଜି ଦେଶରେ ଦେଶଦ୍ରୋହୀ ମାଳମାଳ। ଦେଶପ୍ରେମୀ କାହାଁନ୍ତି? ମୁଁ ଏଇ ଓଡ଼ିଶାଭୂଇଁରେ ଦିନେ ଡାକରା ଦେଇଥିଲି – ଯେଉଁମାନେ ରାଜକୋଷ ଲୁଣ୍ଠନ କରୁଛନ୍ତି, ସେମାନେ ଦେଶଦ୍ରୋହୀ। ଦେଶଦ୍ରୋହୀଙ୍କୁ ରାସ୍ତାଘାଟ, ଅଫିସ, ଦପ୍ତର, ଗାଁ, ଗଣ୍ଡା, ସହର, ବଜାରରେ, ରାଜଧାନୀରେ ପ୍ରବଳ ମାଡ ଦିଅ । ଏଇ ଆହ୍ୱାନ ସାରା ରାଜ୍ୟ ଓ ଦେଶରେ ଆଲୋଡନ ସୃଷ୍ଟି କରିଥିଲା। ହେଲେ ମାଡ ଦେବ କିଏ? କାହାଁନ୍ତି ସେ ଦୁର୍ଦ୍ଦାନ୍ତ ଦେଶପ୍ରେମୀଦଳ?

ସେଦିନ ନେତାଜୀ କହିଥିଲେ – "ସୂର୍ଯ୍ୟ ଯଦି ଉଦୟ ହୁଏ ଆଲୋକ ଦେବାପାଇଁ, ନଦୀ ଯଦି ବୋହିଯାଏ ଜଳ ଦେବାପାଇଁ, ଫୁଲ ଯଦି ଫୁଟୁଥାଏ ସୁଗନ୍ଧ ଦେବାପାଇଁ – ତା'ହେଲେ ମୋର ଜନ୍ମ ହୋଇଛି ମଣିଷସମାଜର ମୁକ୍ତିସଂଗ୍ରାମରେ ଯୋଗ ଦେବାପାଇଁ।" ଏହି କଠୋରକଠିନ ବଜ୍ରଗମ୍ଭୀର କଣ୍ଠସ୍ୱର ସେଦିନ ସମସ୍ତଙ୍କୁ ସ୍ତମ୍ଭୀଭୂତ କରିଦେଇଥିଲା। ଦେଶ ଓ ସମାଜମୁକ୍ତିର ସଂଗ୍ରାମରେ ଯେଉଁମାନେ ଆତ୍ମନିୟୋଗ କରିବେ, ସେମାନଙ୍କୁ ଦେଶର ଲୋକ ସମର୍ଥନ କରିବେ ନାହିଁ – ଏପରିସ୍ଥଳେ ସେ କାପୁରୁଷ ଭଳି ପଳାଇଯିବ ନାହିଁ – ସତ୍ୟ ପାଇଁ, ନ୍ୟାୟ ପାଇଁ ଏକାଏକା ଲଢିବାକୁ ହେବ। ଯେଉଁମାନେ ସମାଜକୁ ବଦଳାଇବେ, ଅନ୍ୟାୟ ବିରୋଧରେ ଲଢିବେ, ଇତିହାସ ସୃଷ୍ଟି କରିବେ – ସେମାନେ କେବଳ ଶୋଷକ ଶ୍ରେଣୀର ଅତ୍ୟାଚାର ଦମନ ସହ୍ୟ କରନ୍ତି ନାହିଁ, ବିଭ୍ରାନ୍ତ-କୁସଂସ୍କାରାଚ୍ଛନ୍ନ ଜନସାଧାରଣଙ୍କ ନିନ୍ଦା ଅପମାନ ମଧ୍ୟ ସହ୍ୟ କରନ୍ତି।

ନେତାଜୀ କହୁଥିଲେ – ଇତିହାସ ସୃଷ୍ଟି କରିବାକୁ ହେଲେ ଆମକୁ ବହୁ ବିରୋଧ ଓ ଅତ୍ୟାଚାର ସହ୍ୟ କରିବାକୁ ପ୍ରସ୍ତୁତ ରହିବାକୁ ହେବ। ବିପ୍ଲବୀ ଜୀବନରେ ବିପଦ ଅଛି ବୋଲି ଜୀବନର ମୂଲ୍ୟ ଅଛି – ତ୍ୟାଗ, ଶୋକ, ଅତ୍ୟାଚାର ନଥିଲେ ଜୀବନର ସୌନ୍ଦର୍ଯ୍ୟ କି ବୈଚିତ୍ର୍ୟ ରହିବ ନାହିଁ। ଆଦର୍ଶ ପାଇଁ ଜଣେ ବ୍ୟକ୍ତିର ମୃତ୍ୟୁ ହୋଇପାରେ, କିନ୍ତୁ ତା'ର ମୃତ୍ୟୁ ପରେ ସେ ଆଦର୍ଶ କୋଟିକୋଟି ଜନଜୀବନରେ କାଳକାଳକୁ ପ୍ରତିଫଳିତ ହେବ। ଆଜି ସତ କଥା କହିବା ପାଇଁ – ଲେଖିବା ପାଇଁ – ମହତବାର୍ତ୍ତା ପ୍ରଚାର କରିବା ପାଇଁ କୁଣ୍ଠା କାହିଁକି?

"ତୁମେମାନେ ହୁଏତ ମନେକର ଯେ, ମହାପୁରୁଷମାନେ ବଡ଼ ହୋଇ ଜନ୍ମିଥାଆନ୍ତି। କିନ୍ତୁ ଏ ଧାରଣା ସଂପୂର୍ଣ୍ଣ ଭ୍ରାନ୍ତ... ଯେତେ ମହାପୁରୁଷ ପୃଥିବୀରେ ଆଜିଯାଏ ଜନ୍ମଗ୍ରହଣ କରିଛନ୍ତି, ସେମାନଙ୍କର ଜୀବନୀ ଯଦି ବିଶ୍ଳେଷଣ କରିବ ତେବେ ଦେଖିବ ଯେ ପ୍ରତ୍ୟେକଙ୍କ ଜୀବନରେ ରହିଛି ଅସୀମ ଅଧ୍ୟବସାୟ, ଅକ୍ଳାନ୍ତ ଚେଷ୍ଟା, ଅତନ୍ଦ୍ର ତପସ୍ୟା, ଏକନିଷ୍ଠ ସାଧନା, ଅବିରାମ ଅଗ୍ରଗତିର ସଂକଳ୍ପ। ତୁମେମାନେ ଯଦି ସେମିତି ଭାବେ ଚେଷ୍ଟା ଓ ସାଧନା କରିପାର, ତେବେ ତୁମେମାନେ ମଧ୍ୟ ଦିନେ ନବମାନବସମାଜର ପ୍ରତିଷ୍ଠାପାଇଁ ମହାପୁରୁଷର ମାର୍ଗପ୍ରସ୍ତୁତି ଦିଗରେ ଭିତ୍ତିଭୂମି ସୃଷ୍ଟିକରିପାରିବ।"

ଦୁନିଆରେ ଯେଉଁମାନେ ଆଜି ବଡ଼ ହୋଇଛନ୍ତି – ସେମାନେ ଜୀବନରେ ମହାନ ଆଦର୍ଶ ପ୍ରତି ଅନୁରକ୍ତ ରହି ଅହରହ ସଂଗ୍ରାମ କରିଯାଇଛନ୍ତି। ମହାନ ଆଦର୍ଶକୁ ଯିଏ ଭଲପାଏ, ସେ ହିଁ ନିଜପାଇଁ ମହାନ ହେବାର ମଂଜି ଅଦୂର ଭବିଷ୍ୟତର ଫସଲକ୍ଷେତରେ ପୋତିଥାଏ । ଆମ୍ଭମାନଙ୍କୁ ଅତୀତର ଅଗ୍ନିସ୍ଫୁଲିଙ୍ଗରାଶିରୁ ଆଲୋକଶିଖା ଆହରଣ କରି ବର୍ତ୍ତମାନର ମଧ୍ୟରାତ୍ରିକୁ ମଶାଲ୍ ଦ୍ୱାରା ଜଳାଇଦେବାକୁ ହେବ – ଅନାଗତ ଭବିଷ୍ୟତ୍‌ର ଉତ୍ତରପିଢ଼ିକୁ ପ୍ରେରଣାଦୀପ୍ତ ପରମ୍ପରାଟିଏ ଉପହାର ଦେବାପାଇଁ ଅଭୂତପୂର୍ବ ଆତ୍ମୋତ୍ସର୍ଗର ଉଦାହରଣ ସୃଷ୍ଟି କରିବାକୁ ହେବ – ଦେଶକୁ ସାମ୍ରାଜ୍ୟବାଦୀ-ପୁଂଜିବାଦୀ ଶୋଷକ ଶାସକର ନାଗଫାଶ ବନ୍ଧନରୁ ମୁକ୍ତ କରିବାପାଇଁ ଆଉ ଏକ ନବମାନବିକ ମୁକ୍ତିଯୁଦ୍ଧ ଆରମ୍ଭ କରିବାକୁ ହେବ। ଏଥିପାଇଁ ସଠିକ୍ ନେତୃତ୍ୱ, ସଠିକ୍ ରାସ୍ତା, ସଠିକ୍ ମତାଦର୍ଶ ଓ ଉନ୍ନତ ନୈତିକ ଚରିତ୍ର ଏକାନ୍ତ ଆବଶ୍ୟକ ହୋଇପଡ଼ିଛି।

"ଯେଉଁମାନେ ସମାଜ ବଦଳାଇବେ, ଅନ୍ୟାୟ ବିରୋଧରେ ଲଢ଼ିବେ, ଇତିହାସ ସୃଷ୍ଟି କରିବେ, ସେମାନେ କେବଳ ଶୋଷକଶ୍ରେଣୀର ଅତ୍ୟାଚାର, ଉତ୍ପୀଡ଼ନ ଓ ଦମନଲୀଳାର ସାମ୍ନା କରିବେ ନାହିଁ, ଗୃହଶତ୍ରୁ ଶ୍ରେଣୀର ବାଘନଖୀ ଆଲିଙ୍ଗନରେ ଛପିଥିବା ବିଷାକ୍ତ ବିଶ୍ୱାସଘାତକତାକୁ ମଧ୍ୟ ସେମାନଙ୍କୁ ଚିହ୍ନଟ କରିବାକୁ ହେବ। ଇତିହାସ ସୃଷ୍ଟି କରିବାକୁ ହେଲେ ଆମକୁ ବିରୋଧ ଓ ଅତ୍ୟାଚାରର ମୁହାଁମୁହିଁ ମୁକାବିଲା କରି ଆଗେଇଯିବାକୁ ପଡିବ। ଏପରିକି ନିଃସ୍ୱାର୍ଥ କାର୍ଯ୍ୟପାଇଁ ଅତି ନିକଟତମ ବନ୍ଧୁମାନେ ଈର୍ଷା ଓ ଶତ୍ରୁତା କରିବେ – ଏଥିରେ ଆଶ୍ଚର୍ଯ୍ୟ ହେଲେ ଚଳିବ ନାହିଁ।" ଆଦର୍ଶ, ନୀତି ପାଇଁ ଜୀବନଦାନ ହିଁ ଏକମାତ୍ର ଗୌରବ।

ଏ ଧରାପୃଷ୍ଠରେ ମଣିଷ ଜନ୍ମଲାଭ କରି ତାର ଲୀଳା, ଖେଳା, ଲୟ, ଅଭିନୟର ନାନା ଭୂମିକାରେ ଅବତୀର୍ଣ୍ଣ ହୋଇସାରି ହିଁ ମୃତ୍ୟୁବରଣ କରେ। ଏଇ ଜୀବନ ମରଣଶୀଳ। ଆମେ ଦିନେ ନା ଦିନେ ମରିବା। ହେଲେ ଥରେ ମରିବା – ଜିଇଁ ଥାଉଥାଉ ହଜାରଥର ମରୁଥିବା କାହିଁକି? ଏଇ ଜନ୍ମ, ମୃତ୍ୟୁର ପରିସୀମିତ ମଧ୍ୟବର୍ତ୍ତୀ ସମୟରେ ଆମେ କାହିଁକି ଛଟପଟ ହେବା? ଯେଉଁଦିନ ମରିବା ତ ଶାନ୍ତିରେ ମରିବା ସେଦିନ – ଜିଇବା ତ ଶାନ୍ତିରେ ଜିଇବା – ବଂଚିବା ତ ହସଖୁସିରେ ବଂଚିବା। ବିଲେଇ, କୁକୁର, କୀଟପତଙ୍ଗ ଭଳି ମରିବା ପାଇଁ ଆମେ ଜନ୍ମ ହୋଇନାହୁଁ। ଆମର ଜନ୍ମ ମଣିଷ ଜନ୍ମ ତ ସର୍ବଶ୍ରେଷ୍ଠ ଜନ୍ମ। ଆମେ ସବୁ ସତ୍ୟର ପୂଜାରୀ, ନ୍ୟାୟର ପୂଜାରୀ, ଶାନ୍ତିର ପୂଜାରୀ। ମନେରଖ, ରକ୍ତର ସମୁଦ୍ର ମଧ୍ୟରେ ସତ୍ୟକୁ ନିମଗ୍ନ କରାଯାଇପାରେନା ଚିରକାଳ। ସତ୍ୟ ହିଁ ଶିବ, ସତ୍ୟ ହିଁ ସୁନ୍ଦର, ସତ୍ୟ ହିଁ ଜୀବନ।

# ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

## ସତ୍ୟ ଭାଗବତ

### ପ୍ରଥମ ଅଧ୍ୟାୟ

ଓଁ

'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,
କମଳା, ଶ୍ରୀ ହରପ୍ରିୟା
ଇନ୍ଦିରା, ଲୋକ ମାତା, ମା'
କ୍ଷୀରବ୍ଧୀ ତନୟା ରମା ।'



ଶ୍ରୀ ଅଭିରାମ ସରସ୍ୱତୀ

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ (୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ (୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ମୋର ମୋର କହି ସବୁ
ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ (୧୬୦)

(କ୍ରମଶଃ)

# ଆଦିକବି



ଅକ୍ଷୟ କୁମାର ରାଉତ
ପାରାଦ୍ୱୀପଗଡ,
ଜଗତ୍‌ସିଂହପୁର
ମୋ : ୯୯୩୭୬୯୧୪୭୫

ସାରଳା ଦାସ ଅବିଭକ୍ତ କଟକ ଜିଲ୍ଲାର ଝଙ୍କଡ଼ପୁରସ୍ଥିତ କନକବତୀପାଟଣା ନିକଟସ୍ଥ ଚନ୍ଦ୍ରଭାଗା ନଦୀକୂଳରେ ଥିବା ସାରୋଳ ବା କାଳିନାଗ ଗ୍ରାମରେ ପଂଚଦଶ ଶତାବ୍ଦୀରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତା ଜଣେ ପ୍ରଧାନ କୃଷିକାରୀ ଓ ଗ୍ରାମୀଣ ବ୍ୟକ୍ତି ଥିଲେ । ବାଲ୍ୟକାଳରେ ସାରଳା ଦାସଙ୍କର ନାମ ଥିଲା ସିଦ୍ଧେଶ୍ୱର ପରିଡା (ସ୍ୱାଇଁ) ପିତା, ମାତା ଓ ଚାରିଭାଇଙ୍କ ସହିତ ନିଜର ବାଲ୍ୟ, ଶୈଶବ ଓ ଯୌବନ ଜୀବନ ଅତିବାହିତ କରିଥିଲେ । ତାଙ୍କର ବଡ଼ଭାଇ ପର୍ଶୁରାମ ପରିଡା ଝଙ୍କଡ଼ପୁର ନିକଟରେ ପ୍ରବାହିତ ହେଉଥିବା ଚନ୍ଦ୍ରଭାଗା ନଦୀର ଘାଟ ନେଇଥିଲେ । ପରଅବସ୍ଥାରେ ପର୍ଶୁରାମ ପରିଡା କନକପୁରକୁ ଉଠିଆସି ଘରଟିଏ କରି ରହିଲେ । କିନ୍ତୁ ସିଦ୍ଧେଶ୍ୱର ସାରଳା ମା'ଙ୍କ ଚରଣାବିନ୍ଦରେ ଗଭୀର ଭକ୍ତି ଢ଼ାଳିଦେଇ ସେବାରତ ଥିଲେ । ସେ ସମୟରେ ଚାଟଶାଳୀର ସୁବିଧାନଥିବାରୁ ନିଜ ଚେଷ୍ଟାରେ ଅଧ୍ୟୟନ କରିଥିଲେ । ଓଡିଆରେ ମିଳୁଥିବା କୋଇଲି ଚଉତିଶା ଅନ୍ୟ କେତେ ଖଣ୍ଡ କ୍ଷୁଦ୍ର କବିତା ପଢ଼ିଥିଲେ। ଏତିକିରେ ତାଙ୍କର ଶିକ୍ଷାଜୀବନର ପରିସମାପ୍ତି ଘଟିଥିଲା ।

ସିଦ୍ଧେଶ୍ୱର ଯୌବନରେ ପଦାର୍ପଣ କଲାପରେ, ଗୀତ ରଚନା କରି ନିଜେ ଗୀତ ବୋଲୁଥିଲେ । ପରଅବସ୍ଥାରେ ପୌରାଣିକ କାହାଣୀଗୁଡିକ ଶୁଣି, ପୁରାଣ ପଢ଼ିବାକୁ ଆଗ୍ରହ ପ୍ରକାଶ କରିଥିଲେ । ସଂସ୍କୃତ ଶିଖି ନଥିବା ଅପଣ୍ଡିତ ସିଦ୍ଧେଶ୍ୱର ସଂସ୍କୃତ ପଢ଼ିବା ଓ ଲେଖିବା ଏକ ଆଶ୍ଚର୍ଯ୍ୟ ଘଟଣା ଥିଲା । ବିଲରେ ଚାଷ ପାଇଁ ହଳ ବୁଲାଉଥିବା ସମୟରେ ସିଦ୍ଧେଶ୍ୱର ସୁନ୍ଦର ଗୀତ ନିଜ ମନରୁ ରଚନାକରି ବୋଲନ୍ତି । ଏହି ସମୟରେ ସେ ଆତ୍ମହରା ହୋଇପଡନ୍ତି । ସେ 'ମନାଇ ଚଉତିଶା' ନାମକ ଏକ ଗୀତ ରଚନା କରିଥିଲେ । ଦିନକର ଘଟଣା ସିଦ୍ଧେଶ୍ୱର ହଳ ବୁଲାଉଥାନ୍ତି ଓ ଗୀତ ବୋଲୁଥାନ୍ତି, କିନ୍ତୁ ପଦ ମନେପଡିଲା ନାହିଁ । ଯେତେ ଚେଷ୍ଟା କଲେ ମଧ୍ୟ ତାଙ୍କର ସେହି ଗୀତର ପଦ ମନେପଡିଲା ନାହିଁ । ଅତି ବିଚଳିତ ଅବସ୍ଥାରେ ତାଙ୍କର ଇଷ୍ଟଦେବୀ ସାରଳାଙ୍କୁ ମନେପକାଇଲେ । ମା ସାରଳା ଭକ୍ତ ଅନ୍ତରର ଭକ୍ତି ମାଧ୍ୟମରେ ଏକ ନାରୀ ମୂର୍ତିଟି ହୋଇ ସିଦ୍ଧେଶ୍ୱରଙ୍କ ସମ୍ମୁଖରେ ଆବିର୍ଭୂତ ହୋଇ କହିଲେ "ତୁ ଗୀତ ବନ୍ଦକଲୁ କାହିଁକି? ମୁଁ ତୋ ଗୀତ ଶୁଣୁଥିଲି, ତୁ ଗୀତ ବୋଲି ଚାଲେ ସବୁ ମନେପଡିଯିବ । ତୋ ଗୀତ ମୋତେ ବହୁତ ଭଲଲାଗେ, ତୁ ମହାଭାରତ ରଚନା କରିପାରିବୁ, ଏହା କହି ନାରୀ ମୂର୍ତିଟି ଅନ୍ତର୍ଦ୍ଧାନ ହୋଇଗଲେ।

ସେ ସମୟରେ ଓଡିଶାର ଗଜପତି ଥିଲେ ସୂର୍ଯ୍ୟବଂଶର ପ୍ରଥମ ସମ୍ରାଟ କପିଳେନ୍ଦ୍ର ଦେବ । ତାଙ୍କର ସାମ୍ରାଜ୍ୟ ଗଙ୍ଗାଠାରୁ କାବେରୀ ପର୍ଯ୍ୟନ୍ତ ଲମ୍ବିଥିଲା । ସିଦ୍ଧେଶ୍ୱର ମା ସାରଳାଙ୍କ ପୂଜା ଅର୍ଚ୍ଚନାରେ ନିଜକୁ ନିୟୋଜିତ କରିଥିଲେ । ଅନୁମାନ କରାଯାଏ ସିଦ୍ଧେଶ୍ୱର କପିଳେନ୍ଦ୍ର ଦେବଙ୍କ ସୈନ୍ୟ ବିଭାଗରେ ଯୋଗଦେଇ ବିଭିନ୍ନ ଯୁଦ୍ଧର ଅନୁଭୂତିକୁ ପରଅବସ୍ଥାରେ ମହାଭାରତରେ ବର୍ଣ୍ଣନା କରିଥିଲେ । ସୈନ୍ୟଦଳରୁ ଆସି ପୁରୀର ଯମେଶ୍ୱର ଲିଙ୍ଗଙ୍କ ମନ୍ଦିରରେ କିଛିକାଳ ଅବସ୍ଥାନ କରିଥିଲେ । ସେ ସମୟରେ ସଂସ୍କୃତ ପଣ୍ଡିତମାନଙ୍କର ପ୍ରଭାବ ଯଥେଷ୍ଟ ଥିଲା । ପୁରୀରେ ସଂସ୍କୃତ କାବ୍ୟ ଓ ନାଟକ ଚର୍ଚ୍ଚାରେ ସିଦ୍ଧେଶ୍ୱରଙ୍କୁ କେହି ଅଂଶ ଗ୍ରହଣ କରାଇଦେଉନଥିଲେ । ଏହିପରି ଅସହାୟ ମୂହୂର୍ତରେ ଇଷ୍ଟଦେବୀ ସାରଳା ସିଦ୍ଧେଶ୍ୱରଙ୍କୁ ଅଭୟ ପ୍ରଦାନକରି ଆଦେଶ ଦେଲେ "ତୁ ଯାଇ ନୀଳ କଳ୍ପବଟ ମୂଳେ ବସିବୁ,ଯାହା ଉପରୁ ଶୁଭିବ ତୁ ଲେଖିବୁ" । ସେତେବେଳକୁ ସିଦ୍ଧେଶ୍ୱର, ସାରଳା ଦାସ ନାମରେ ପରିଚିତ ହେଲେ । ମହାଭାରତ ରଚନାରେ ମନନିବେଶ କଲେ । କଳ୍ପବଟମୂଳରେ ମହାଭରତର ଆଠଗୋଟି ପର୍ବଶେଷ କରି ସାରିଥିଲେ । ପୁରୀ ଛାଡି ସେ କୋଣାର୍କରେ ଏକ ବଟବୃକ୍ଷ ମୂଳରେ ଯୋଗସାଧନ କଲେ ଓ ମହାଭାରତ ରଚନା କଲେ । ତାଙ୍କର ଲିଖିତ ମହାଭାରତରେ ଅନ୍ୟ ପଣ୍ଡିତ ମାନେ "ହାତୀ ବାର ଯୁଣ ତାର ଘଂଟି ବାର ଯୁଣ" ବର୍ଣ୍ଣନାକୁ ତ୍ରୁଟି ରୂପେ ଦର୍ଶାଇଥିଲେ । ହସ୍ତୀ ହେଲା ଦେବତା ଯୁଣରେ ଓ ଘଂଟି ହେଲ ମାନବ ଯୁଣରେ । ଏହାପରେ ପଣ୍ଡିତମାନେ ନିଜଭୁଲ୍ ବୁଝିପାରି କବିଙ୍କ ରଚିତ ମହାଭାରତକୁ ଗ୍ରନ୍ଥରୂପେ ସ୍ଥାନଦେଲେ ଓ ଶୂଦ୍ର ମୁନି ବୋଲି ସମ୍ମାନିତ କଲେ। ଏହି ସମ୍ବାଦ କପିଳେନ୍ଦ୍ର ଦେବଙ୍କ ନିକଟରେ ପହଂଚିଲା । ଗଜପତି ରାଜା ସିଦ୍ଧେଶ୍ୱରଙ୍କୁ ସ୍ୱାଇଁ ପରିବର୍ତେ ପରିଡା ଉପାଧିରେ ଭୂଷିତ କରାଇ ଝଙ୍କଡ ଆଦି କେତେ ଗ୍ରାମ ନିଷ୍କର ବୃତ୍ତିରୂପେ ପ୍ରଦାନ କରିଥିଲେ ।

ପୁରୀରେ କିଛି ଦିନ ଅତିବାହିତ ହେବାପରେ କବି ସାରଳା ଦାସ ନିଜର ଜନ୍ମଭୂମିକୁ ଫେରିଆସିବା ବାଟରେ କଟକ ତୁଳସୀପୁରରେ କିଛି ଦିନ ରହିଲେ । ଦୈନିକ ମା କଟକ ଚଣ୍ଡୀଙ୍କୁ ଦର୍ଶନ କରନ୍ତି ଓ ନିଜ ରଚିତ ମହାଭାରତ ଦେବୀଙ୍କ ନିକଟରେ ପଢ଼ନ୍ତି । ଏହି ଗ୍ରନ୍ଥ ପାଠ ଶୁଣିବାପାଇଁ ବହୁ ଶ୍ରୋତା ମା ଚଣ୍ଡୀଙ୍କ ଠାରେ ରୁଣ୍ଡ ହୁଅନ୍ତି । ତାଙ୍କର ସାରସ୍ୱତ ସାଧନା ହିଁ ପ୍ରତ୍ୟେକ ଓଡିଆ ଜାତି ପାଇଁ ଅମଳିନ ପ୍ରେରଣା ହୋଇ ରହିଗଲା । ସେ ଆମ ଜାତିର ଗୌରବ, ସ୍ରଷ୍ଟା ଆଉ ଦ୍ରଷ୍ଟା । ସେ କେବଳ ଜଣେ ସିଦ୍ଧ ସାଧକ ନୁହଁନ୍ତି, ଭକ୍ତ ନୁହଁନ୍ତି, କବି ରୂପେ ତାଙ୍କୁ ଚିରଦିନ ଜାତି ପୂଜା କରିବ । ଆଜୀବନ ସେ ଯେଉଁ ଅଖଣ୍ଡସାଧନ କରିଛନ୍ତି ତାହା ହିଁ ତାଙ୍କୁ ଅମର କରିବ । ତାଙ୍କ ଜୀବନର ଏକ ବିସ୍ମୟକର ଓ ରହସ୍ୟମୟ କାହାଣୀ କୁହେ –

ଦିନେ ସାରଳାଦାସ ବିଲରେ ହଳ କରୁଥିବା ସମୟରେ, ଏକ ରାଜକନ୍ୟାର ବିବାହ ଉପଲକ୍ଷେ ରାଜକର୍ମଚାରୀମାନେ ସାରଳାଦାସଙ୍କ ନିକଟରେ ପହଁଚିଲେ । ତାଙ୍କର ଗୁଣ ଓ ବୁଦ୍ଧି ରାଜକର୍ମଚାରୀମାନଙ୍କୁ ମୁଗ୍ଧ କରିଥିଲା । ସାରଳାଦାସଙ୍କୁ ସେମାନେ ରାଜଦରବାରକୁ ଘେନିଗଲେ, ବିବାହର ଆୟୋଜନ କଲେ । କାଠ ଓ ବାଉଁଶଙ୍କୁ ଦେଖି ଚାଷୀ ସିଦ୍ଧେଶ୍ୱର ମନେମନେ ବହୁତ ଖୁସୀ ହେଉଥାନ୍ତି । ରାଜକନ୍ୟା ସିଦ୍ଧେଶ୍ୱରଙ୍କୁ ବନ୍ଦାପନା କରିବା ସମୟରେ, ସିଦ୍ଧେଶ୍ୱର ଭୟରେ ଖଟ ତଳେ ଲୁଚିଗଲେ । ସିଦ୍ଧେଶ୍ୱରଙ୍କର ଏହି ପରି କାର୍ଯ୍ୟରେ ରାଜକନ୍ୟା କ୍ରୋଧନ୍ୱିତା ହୋଇ ମୁର୍ଖ, ଅଧମ ବୋଲି କହି ଅନ୍ତଃପୁରକୁ ପଳାଇଲେ। ସିଦ୍ଧେଶ୍ୱର ରାଜକୁମାରୀଙ୍କ କଟୂମନ୍ତବ୍ୟରେ ଦୁଃଖିତ ହୋଇ ମା' ସାରଳାଙ୍କ ନିକଟକୁ ଯାଇ ନିଜର ଦୁଃଖ ଜଣାଇଲେ । 'ମା' ପ୍ରସନ୍ନ ହୋଇ କହିଲେ ସିଦ୍ଧେଶ୍ୱର ତୁ ଚିନ୍ତା କରନାହିଁ, ତୁ ଗଲାବେଳେ ବାଟରେ ଯେଉଁ ଲେଖନୀଟି ପାଇବୁ ସେହି ଲେଖନୀରେ କଳ୍ପବଟ ମୂଳ ବସି ଚିନ୍ତାକଲେ ତୋତେ ସବୁ ଦୃଶ୍ୟମାନହେବ । ଏହି ଘଟଣାଟି ସିଦ୍ଧେଶ୍ୱରଙ୍କ ଜୀବନରେ ଅଭୂତପୂର୍ବ ପରିବର୍ତ୍ତନ ଆଣିଥିଲା ।

'ମା'ଙ୍କ ଦତ୍ତ ଲେଖନୀ ସାହାଯ୍ୟରେ ସାରଳାଦାସ ମହାଭାରତ, ଚଣ୍ଡୀ ପୁରାଣ, ବିଲଙ୍କା ରାମାୟଣ, ଲକ୍ଷ୍ମୀ ନାରାୟଣ ବଚନିକା ଓ ବହୁତ ସୁନ୍ଦର ସୁନ୍ଦର ଗଳ୍ପ ସୃଷ୍ଟି କରିଥିଲେ । ଗଳ୍ପଗୁଡିକ ହେଲା ବାବନା ଭୂତ, ଗଙ୍ଗା-ଶାନ୍ତନୁ ବିବାହ, ଭୀମ ରାଜାର କଥା, ନବଗୁଞ୍ଜର କଥା, ଭାରତ ଯୁଦ୍ଧର ଭରତିଆ ପକ୍ଷୀକଥା, କୁନ୍ତୀ ଗାନ୍ଧାରୀର ଶିବପୂଜା କଥା, ଅର୍ଜ୍ଜୁନର ବରପ୍ରାପ୍ତି କଥା ଓ ପାର୍ବତୀଙ୍କ କୋପ କଥା ପ୍ରଭୃତି ଗଳ୍ପଗୁଡିକ ଜନଜୀବନକୁ ବେଶ୍ ପ୍ରଭାବିତ କରିଛି। ଏହି ନିରହଙ୍କାର ସିଦ୍ଧ କବିଙ୍କ ଶେଷ ଜୀବନ ଇଷ୍ଟଦେବୀ ସାରଳା ଦେବୀଙ୍କ ନିକଟରେ କଟାଇଥିଲେ । ସେ ନିଜର ସ୍ତ୍ରୀ, ପୁତ୍ର ଓ କନ୍ୟାଙ୍କ ଠାରୁ ସମସ୍ତ ସଂସାରିକ ବନ୍ଧନ ତ୍ୟାଗକରି 'ମା'ଙ୍କ ପାଦପଦ୍ମରେ ନିଜକୁ ଉତ୍ସର୍ଗ କରିଦେଇଥିଲେ । ସାରଳାଦାସ ଜ୍ୟୋତିଷ ଶାସ୍ତ୍ରରେ ନିପୁଣ ଥିଲେ । ଶାସ୍ତ୍ର ବିଚାରକରି ଜାଣି ପାରିଥିଲେ ଯେ ମାଘସପ୍ତମୀ ଦିନ ଦେହ ଛାଡିବାକୁ ହେବ । ତେଣୁ ଅକ୍ଷତ, ଗୋଟାଗୁଆ, ନଡିଆ, ପାନ, ତିଳ, ଗଙ୍ଗାଜଳ, ଗଙ୍ଗାମାଟି ସହ ଘିଅ ଦୀପ ସାରଳାଦାସ ନିଜ ସମ୍ମୁଖରେ ରଖି ତେନ୍ତୁଳିପଦା ବନ୍ଧମୁଣ୍ଡାର ବୃଦ୍ଧାନଦୀ କୂଳରେ ମାଘ ଶୁକ୍ଳ ପ୍ରତିପଦଠାରୁ ସମାଧିସ୍ଥ ହେଲେ । ମାଘ ସପ୍ତମୀ ସକାଳକୁ ଗୋଟିଏ ଘଡଘଡି ଶବ୍ଦ ହେଲା ଓ ଦୀପଟି ମଧ୍ୟ ଲିଭିଗଲା । ଏହା ହିଁ ଥିଲା ଆଦିକବି ଶୂଦ୍ରମୁନି ସାରଳା ଦାସଙ୍କର ଅନ୍ତିମ ଯାତ୍ରା । ଆଜି ତାଙ୍କ ନାମାନୁସାରେ ମୁନି ଗୋସାଇଁ ମଠ କୁହାଯାଉଛି । ଏହି ସମାଧିର ଭଗ୍ନାବଶେଷ ନିକଟରେ ଏକ ବରଗଛ ଅଛି । ତାଙ୍କର ଲୌକିକତା, ଜନଜୀବନର ସଂସ୍କାର ଓ ପ୍ରତିଭାର ମୋହିନୀ ଶକ୍ତି ବଳରେ ଯୁଗଯୁଗ ପାଇଁ ଅମର ସୃଷ୍ଟି ମହାଭାରତରେ ଜୀବନ୍ତ କରି ଦେଇଗଲେ । ତେଣୁ ଆଜି ଓଡିଶାର ଜନତା ସେହି ଶୂଦ୍ରକବିଙ୍କୁ ଆଦିକବି ରୂପେ ପୂଜାଅର୍ଘ୍ୟ ଦେଇଥାନ୍ତି ।

# ସର୍ଜରୀ ଜନିତ ସନ୍ତାନ



ପ୍ରଣତି ଆଚାର୍ଯ୍ୟ ମିଶ୍ର
ନୟାଗଡ଼
ଫୋନ୍-୯୪୩୭୬୪୨୯୪୭

ଭାରତରେ ସିଜେରିଆନ୍ ପ୍ରସବ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ୫ ଅନୁଯାୟୀ, ଦେଶରେ ସିଜେରିଆନ୍ ମାଧ୍ୟମରେ ସନ୍ତାନ ପ୍ରସବ କରୁଥିବା ମହିଳାଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ-୪ରେ ୨୦୧୫-୧୬ରେ ସିଜେରିଆନ୍ ମାଧ୍ୟମରେ ପ୍ରସବ ହେଉଥିବା ମହିଳାଙ୍କ ସଂଖ୍ୟା ୧୭.୨ ପ୍ରତିଶତ ଥିବା ବେଳେ ୨୦୧୯ରୁ ୨୦୨୧ ମଧ୍ୟରେ ଏହା ୨୧.୫ ପ୍ରତିଶତକୁ ବୃଦ୍ଧି ପାଇଛି। ସହରାଞ୍ଚଳରେ ଏହା ୩୨.୩ ପ୍ରତିଶତରେ ପହଞ୍ଚିଛି। ଗ୍ରାମାଞ୍ଚଳରେ ଏହି ହାର ୧୭.୬ ପ୍ରତିଶତ ରେକର୍ଡ କରାଯାଇଛି। ଏହି ଅଭିବୃଦ୍ଧି ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ବିଶେଷ କରି ଘରୋଇ ସ୍ୱାସ୍ଥ୍ୟ କ୍ଲିନିକଗୁଡିକ ଏଭଳି ପ୍ରସବ ପାଇଁ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର ଅପେକ୍ଷା ପସନ୍ଦଯୋଗ୍ୟ ବିକଳ୍ପ ପାଲଟିଛନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ବିଶ୍ୱରେ ପ୍ରତି ପାଞ୍ଚ ଜଣ ଶିଶୁଙ୍କ ମଧ୍ୟରୁ ଜଣେ ସିଜେରିଆନ ମାଧ୍ୟମରେ ଜନ୍ମ ଗ୍ରହଣ କରିଥାନ୍ତି । ଆଗାମୀ ଦଶନ୍ଧିରେ ଏହି ସଂଖ୍ୟା ଏକ ତୃତୀୟାଂଶକୁ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଭାରତ ମଧ୍ୟ ଏହି ଧାରାରୁ ଅଛୁଆଁ ନାହିଁ। ବିଶେଷ କରି ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ଛତିଶଗଡ଼ ଆସାମ ଭଳି ରାଜ୍ୟରେ ସିଜେରିଆନ୍ ପ୍ରସବ ବୃଦ୍ଧି ରେକର୍ଡ କରାଯାଇଛି। ଆମ ରାଜ୍ୟରେ ଅସ୍ତ୍ରୋପଚାର ଜରିଆରେ ସନ୍ତାନ ପ୍ରସବ ସଂଖ୍ୟା ବଢି ବଢି ଚାଲିଛି। ପୂର୍ବବର୍ଷ ତୁଳନାରେ ଚଳିତ ବର୍ଷ ୭ପ୍ରତିଶତ ବଢିଛି । ଆର୍ଥିକ ବର୍ଷ ୨୦୨୧-୨୨ରେ ରାଜ୍ୟରେ ୭ଲକ୍ଷ ୩ ହଜାର ୨୮୦ ଶିଶୁ ଜନ୍ମ ଗ୍ରହଣ କରିଥିବା ବେଳେ ୪ ଲକ୍ଷ ୫୨ ହଜାର ୭୫୫ ଶିଶୁ ସ୍ୱାଭାବିକ ପ୍ରସବ ଓ ୧ ଲକ୍ଷ ୬୬ ହଜାର ୫୩୦ ଶିଶୁ ଅସ୍ତ୍ରୋପଚାର ମାଧ୍ୟମରେ ଜନ୍ମ ହୋଇଛନ୍ତି। ଫଳରେ ୭୩ ପ୍ରତିଶତ ଶିଶୁ ସ୍ୱାଭାବିକ ପ୍ରସବ ଦ୍ୱାରା ଜନ୍ମ ଗ୍ରହଣ କରିଥିବା ବେଳେ ୨୭ପ୍ରତିଶତ ଅସ୍ତ୍ରୋପଚାର ଜରିଆରେ ଜନ୍ମଲାଭ କରିଛନ୍ତି । ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡା.ସ୍ୱାତିକିରଣ କହିଛନ୍ତି, ଗର୍ଭବତୀ ବୟସ ଅଧିକ କିମ୍ବା କମ୍ ଥିଲେ ପରିସ୍ଥିତି ଜଟିଳ ହୋଇପଡେ। ଉଚ୍ଚ ରକ୍ତଚାପ, ଥାଇରଏଡ ପରି ଅନ୍ୟାନ୍ୟ ଜଟିଳ ରୋଗରେ ପୀଡ଼ିତ ଥିଲେ ସ୍ୱାଭାବିକ ପ୍ରସବ କରାଇବାରେ ଜଟିଳତା ଆସିଥାଏ। ତେଣୁ ନିରାପଦ ପ୍ରସବ ପାଇଁ ଅସ୍ତ୍ରୋପଚାର କରିବାକୁ ପରାମର୍ଶ ଦିଆଯାଏ । ଏଥିପାଇଁ ସରକାରୀ ସୁବିଧା ଅପେକ୍ଷା ଘରୋଇ କ୍ଲିନିକ୍‌ଗୁଡ଼ିକୁ ପ୍ରାଧାନ୍ୟ ଦିଆଯାଉଛି। ଅସ୍ତ୍ରୋପଚାର ପରେ ଅନେକ ସମୟରେ କିଛି ଜଟିଳତା ରହିଥାଏ, ଯାହା ମହିଳାମାନଙ୍କୁ ଜୀବନର ବିଭିନ୍ନ ଦିଗରେ ପ୍ରଭାବିତ କରିଥାଏ । ଘରୋଇ ହସ୍ପିଟାଲରେ ସିଜେରିଆନ୍ ପ୍ରସବ ସ୍ୱାଭାବିକ ଠାରୁ ୧୦ ଗୁଣ ଅଧିକ ହେଉଥିବାରୁ ଏହା ଏକ ଅର୍ଥନୈତିକ ବୋଝ ମଧ୍ୟ ସୃଷ୍ଟି କରୁଛି। ତେବେ ସିଜେରିଆନ୍ ବାଛିବା ପାଇଁ କିଛି ବୈଧ କାରଣ ରହିଛି, ଯେପରିକି ଡାକ୍ତରୀ ଆବଶ୍ୟକତା କିମ୍ବା ମା'ଙ୍କ ପସନ୍ଦ। ଏହା ମଧ୍ୟ କେତେକ ହସ୍ପିଟାଲର ଲାଭ ଉଦ୍ଦେଶ୍ୟ ସହିତ ଜଡିତ ଥିବା ଜଣାପଡିଛି । ଏହା ମଧ୍ୟ ଅସ୍ୱୀକାରଯୋଗ୍ୟ ଯେ ସିଜେରିଆନ୍ ଶିଶୁ ଓ ମାତୃ ମୃତ୍ୟୁହାର ହ୍ରାସ କରିବା ଏବଂ ଶିଶୁମାନଙ୍କର ଜନ୍ମଗତ ମାନସିକ ଅନଗ୍ରସରତା ମାମଲାକୁ ହ୍ରାସ କରିବାରେ ପ୍ରସବ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ତେବେ ସିଜେରିଆନ୍ ପ୍ରସବର ବଢୁଥିବା ଧାରା ପରିବାର ଉପରେ ବୋଝ ପକାଉଛି। ନେଚର ମେଡିସିନ୍ ପତ୍ରିକାରେ ପ୍ରକାଶିତ ଏକ ଗବେଷଣାରେ ଅନାବଶ୍ୟକ ସିଜେରିଆନ୍ ପ୍ରକ୍ରିୟାକୁ ହ୍ରାସ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ସୁସ୍ଥ ଗର୍ଭବତୀ ମା'ମାନଙ୍କ ମଧ୍ୟରେ ସ୍ୱାଭାବିକ ପ୍ରସବର ଉପକାରିତା ବିଷୟରେ ସଚେତନତା ବୃଦ୍ଧି ପାଇଁ ସରକାର ଏକ ଅଭିଯାନ ଆରମ୍ଭ କରିବା ଜରୁରୀ ଅଟେ । ଏହା ଦ୍ୱାରା ମହିଳାମାନେ ମାତୃ ସ୍ୱାସ୍ଥ୍ୟ ସାକ୍ଷରତାରେ ସଶକ୍ତ ହୋଇପାରିବେ, ଯାହା କି ଶେଷରେ ମା' ଏବଂ ଶିଶୁମାନଙ୍କ ପାଇଁ ଏକ ସୁସ୍ଥ ଭବିଷ୍ୟତରେ ଯୋଗଦାନ କରିପାରିବ । ମା' ଓ ନବଜାତ ଶିଶୁଙ୍କ ସ୍ୱାର୍ଥ ରକ୍ଷା କରିବା ପାଇଁ ଡାକ୍ତରୀ ଆବଶ୍ୟକତା ପଡ଼ିଲେ ହିଁ ସିଜେରିଆନ୍ ପ୍ରସବ କରାଇବା ନିଶ୍ଚିତ ହେବା ଦରକାର।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା

ଭୁବନେଶ୍ୱର, ୧୮ ଫେବୃୟାରୀ, ରବିବାର, ୨୦୨୪

# କ୍ରିକେଟରଙ୍କୁ ଚିଠି ଲେଖି ଚେତାଇଲେ ଜୟ ଶାହ

**ମୁମ୍ବାଇ**

ଭାରତୀୟ ଦଳର ଷ୍ଟାର ୱିକେଟ କିପର ତଥା ବ୍ୟାଟ୍ସମ୍ୟାନ ଇଶାନ କିଶାନ ଏବେ ତାଙ୍କ ସମୟ ଖରାପ ଚାଲିଛି। ଯେଉଁ ଡାଳ ଧରିଲେ ସେହି ଡାଳ ଭାଙ୍ଗୁଥିବା ପରି ଲାଗୁଛି । ଯେମିତି ତାଙ୍କ କ୍ୟାରିୟରକୁ ନେଇ ଏବେ ଅନେକ ପ୍ରଶ୍ନବାଚୀ ନିଜ ଇଚ୍ଛାରେ ସେ କ୍ରିକେଟରୁ ବିରତି ନେଇଥିଲେ।

ଏ ନେଇ ସେ ବିସିସିଆଇ, ଟିମ ମ୍ୟାନେଜମେଣ୍ଟ, କୋଚ ଏବଂ ଏପରିକି ତାଙ୍କ ଘରୋଇ ଦଳକୁ କିଛି ଜଣାଇନାହାଁନ୍ତି । ତେବେ ଇଶାନଙ୍କ ଭବିଷ୍ୟତ ଯୋଜନା କଣ ସେନେଇ କେହି ଜାଣନ୍ତି ନାହିଁ । ସେ ଘରୋଇ ଦଳ ପାଇଁ ରଣଜୀ ଟ୍ରଫି ମଧ୍ୟ ଖେଳିନଥିଲେ । ଇଶାନଙ୍କ ଏହି ମନୋଭାବକୁ ନେଇ ବିସିସିଆଇ ଏବଂ ଟିମ ଏବେ ବହୁତ ରାଗିଯାଇଛି ।

ବିସିସିଆଇ ସଚିବ ଜୟ ଶାହ ମଧ୍ୟ ଅନେକ ଥର ଇଶାରା ଇଶାରାରେ ଅନେକ ସୂଚାଇଛନ୍ତି। ଏବେ କିନ୍ତୁ ଅନେକ କଠୋର ହୋଇପଡିଛି ବିସିସିଆଇ। ସଚିବ ଜୟ ଶାହା ସମସ୍ତ ଖେଳାଳିଙ୍କୁ ଚିଠି ଲେଖି ସ୍ପଷ୍ଟ କରିଛନ୍ତି ଯେ ବୋର୍ଡ ପାଇଁ ଘରୋଇ କ୍ରିକେଟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯଦି ଜଣେ ଖେଳାଳି ଆଇପିଏଲକୁ ଅଗ୍ରାଧିକାର ଦେଉଛି ଏବଂ ଘରୋଇ କ୍ରିକେଟକୁ ଅଣଦେଖା କରୁଛି ତେବେ ଏହା ତାଙ୍କ ପାଇଁ ଆଦୌ ଭଲ ନୁହେଁ । ଆଗକୁ ଆହାର ପରିଣାମ ଖୁବ ଭୟଙ୍କର ହେବ।

ବିସିସିଆଇ ସଚିବ ଜୟ ଶାହା ଚିଠି ଲେଖିଛନ୍ତି ଆଉ ଘରୋଇ କ୍ରିକେଟ ଖେଳୁ ନଥିବା ଇଣ୍ଡିଆ ଏ ଖେଳାଳିଙ୍କୁ ଚେତାବନୀ ବି ଦେଇଛନ୍ତି । ଜୟ ଶାହା ଷ୍ଟାର କ୍ରିକେଟରମାନଙ୍କୁ ଚେତାବନୀ ଦେଇ ଏକ ଚିଠି ଲେଖିଛନ୍ତି। ଘରୋଇ



କ୍ରିକେଟ ଜାତୀୟ ଦଳରେ ଚୟନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାନଦଣ୍ଡରେ ପରିଣତ ହୋଇଛି । ଏଥିରେ ଅଂଶଗ୍ରହଣ ନକରିବା ଦ୍ୱାରା ଏହାର ଖରାପ ପରିଣାମ ହେବ।

ରିପୋର୍ଟ ଅନୁଯାୟୀ, ଆଜିକାଲି କିଛି ଖେଳାଳି ଘରୋଇ ରେଡ-ବଲ କ୍ରିକେଟ ଏବଂ ଆଇପିଏଲକୁ ଅଧିକ ପ୍ରାଧାନ୍ୟ ଦେବା ଆରମ୍ଭ କରି ଦେଇଛନ୍ତି । ଏହାର ଧାରା ଆରମ୍ଭ ହୋଇଛି । ଏହି କାରଣରୁ ଜୟ ଶାହାଙ୍କୁ ଏକ ଚିଠି ଲେଖିବାକୁ ପଡିଲା। ସେ ଚିଠିରେ ଲେଖିଛନ୍ତି, ନିକଟରେ ଏକ ଧାରା ଦେଖାଦେଇଛି, ଯାହା ଚିନ୍ତାର ବିଷୟ ଘରୋଇ କ୍ରିକେଟ ଉପରେ କିଛି ଖେଳାଳି ଆଇପିଏଲ କୁ ପ୍ରାଧାନ୍ୟ ଦେବା ଆରମ୍ଭ କରିଛନ୍ତି ।

ଜୟ ଶାହା କହିଛନ୍ତି, ଏହି ପରିବର୍ତ୍ତନ ଆଶା କରାଯାଇନଥିଲା ଘରୋଇ କ୍ରିକେଟର ମୂଳଦୁଆ ଉପରେ ଭାରତୀୟ କ୍ରିକେଟ ଛିଡା ହୋଇଛି । ଏହାକୁ କଦାପି ଗୁରୁତ୍ୱ ଦିଆଯାଇ ନାହିଁ। ଭାରତ ପାଇଁ ଖେଳିବାକୁ ଚାହୁଁଥିବା ପ୍ରତ୍ୟେକ ଖେଳାଳିଙ୍କୁ ଘରୋଇ କ୍ରିକେଟରେ ନିଜକୁ ପ୍ରମାଣ ଦେବାକୁ ପଡ଼ିବ । ଟିମ୍ ଇଣ୍ଡିଆରେ ଚୟନ ପାଇଁ ଘରୋଇ କ୍ରିକେଟରେ ପ୍ରଦର୍ଶନ ଗୁରୁତ୍ୱପୂର୍ଣ୍ଣ। ଘରୋଇ କ୍ରିକେଟ ନ ଖେଳିବାର ଗମ୍ଭୀର ପରିଣାମ ହେବ ।

# ରାଜକୋଟ୍ ଟେଷ୍ଟରେ ଡ୍ରାଇଭିଂ ସିଟ୍‌ରେ ଭାରତ

## ୩ୟ ଦିନରେ ସିରାଜ ଓ ଜୟସ୍ୱାଲଙ୍କ ଧମାଲ

**ରାଜକୋଟ୍**

ଏଠାରେ ଖେଳାଯାଉଥିବା ତୃତୀୟ ଟେଷ୍ଟରେ ଡ୍ରାଇଭିଂ ସିଟ୍‌ରେ ଭାରତ ବୋଲରଙ୍କ ପରେ ବ୍ୟାଟରଙ୍କ ଦମଦାର ପ୍ରଦର୍ଶନ ବଳରେ ରାଜକୋଟ୍‌ରେ ଟେଷ୍ଟରେ ଭାରତୀୟ ଦଳର ପଲ୍ଲା ଭାରି ରହିଛି। ତୃତୀୟ ଦିନର ଖେଳ ଶେଷ ସୁଦ୍ଧା ଭାରତ ୨ ୱିକେଟ ହରାଇ ୧୯୬ ରନ୍ କରିଛି। ହାତରେ ୮ଟି ୱିକେଟ ବାକି ଥାଇ ଦଳ ୩୨୨ ରନ୍‌ର ଅଗ୍ରଣୀ ହାସଲ କରି ସାରିଛି। ୨ୟ ଇନିଂସରେ ଯଶସ୍ୱୀ ଜୟସ୍ୱାଲ ୧୦୪ ରନ୍ କରି ରିଟାୟର୍ଡ ହଟ ହୋଇଥିବା ବେଳେ ଶୁଭମନ ଗିଲ ୬୫ ଓ କୁଲଦୀପ ଯାଦବ ୩ ରନ କରି କ୍ରିଜରେ ଅଛନ୍ତି। ଏହା ପୂର୍ବରୁ ଇଂଲଣ୍ଡ ପ୍ରଥମ ଇନିଂସରେ ୩୧୯ ରନରେ ଅଲଆଉଟ ହୋଇଥିଲା। ଫଳରେ ଭାରତକୁ ୧୨୬ ରନରେ ଅଗ୍ରଣୀ ମିଳିଥିଲା। ଖେଳ ଆଉ ୨ ଦିନ ବାକି ଥିବାରୁ ଫଳାଫଳ ବାହାରିବାର ସମ୍ଭାବନା ରହିଛି। ଭାରତ ଦ୍ୱିତୀୟ ଇନିଂସ ଆରମ୍ଭ କରି ୩୦ ରନ ସ୍କୋରରେ ଅଧିନାୟକ ରୋହିତ ଶର୍ମା(୧୯)ଙ୍କ ରୂପେ ପ୍ରଥମ ୱିକେଟ ହରାଇଥିଲା। ଏହା ପରେ ଜୟସ୍ୱାଲ ଓ ଶୁଭମନ ଗିଲ ଦୃଢତାର ସହ ବ୍ୟାଟିଂ କରି ଦ୍ରୁତ ଗତିରେ ରନ ସଂଗ୍ରହ କରିଥିଲେ।ବିଶେଷ କରି ଯଶସ୍ୱୀ



ଜୟସ୍ୱାଲ ଦିନିକିଆ ଶୈଳୀରେ ବ୍ୟାଟିଂ କରିଥିଲେ। ଜୟସ୍ୱାଲ ଦମଦାର ବ୍ୟାଟିଂ କରି ଟେଷ୍ଟ କ୍ୟାରିୟରରେ ତୃତୀୟ ଶତକ ହାସଲ କରିଛନ୍ତି। ସେ ଏବଂ ଗିଲ ୨ୟ ୱିକେଟ ପାଇଁ ୧୬୧ ରନ ଯୋଡ଼ିଛନ୍ତି। ହେଲେ ବ୍ୟକ୍ତିଗତ ସ୍କୋର ୧୦୪ ରନରେ ଜୟସ୍ୱାଲ ରିଟାୟର୍ଡ ହଟ ହୋଇ ପାଭିଲିୟନ ଫେରି ଯାଇଛନ୍ତି। ଅନ୍ୟପଟେ ମିଳିଥିବା ସୁଯୋଗର ଫାଇଦା ଉଠାଇ ନ ପାରି ରଜତ ପାଟିଦାର(୦) ପୁଣି ଥରେ ନିରାଶ କରିଛନ୍ତି। ଶୁଭମନ ଅର୍ଦ୍ଧଶତକ ହାସଲ କରି ୬୫ ରନରେ ଅପରାଜିତ ଅଛନ୍ତି। ନାଇଟ ୱାଚମ୍ୟାନ ଭାବେ କୁଲଦୀପ ଯାଦବ ୩ ରନ୍ କରି ଖେଳୁଛନ୍ତି। ତୃତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ଭାରତ ୨ ୱିକେଟ ହରାଇ ୧୯୬ ରନ କରିଛି। ଏହା ପୂର୍ବରୁ ଇଂଲଣ୍ଡ ପ୍ରଥମ ଇନିଂସରେ ୩୧୯ ରନରେ ଅଲଆଉଟ ହୋଇଛି। ଦ୍ୱିତୀୟ ଦିନର ଖେଳ ଶେଷ ସୁଦ୍ଧା ଭ୍ରମଣକାରୀ ଦଳ ୨ ୱିକେଟ ହରାଇ ୨୦୭ ରନ କରି ମ୍ୟାଚ୍‌ରେ ନିଜର ସ୍ଥିତି ମଜବୁତ କରିଥିଲା। ତେବେ ତୃତୀୟ ଦିନର ପ୍ରଥମ ଓ ଦ୍ୱିତୀୟ ସେସନରେ ଭାରତୀୟ ବୋଲର ଘାତକ ବୋଲିଂ କରି ମ୍ୟାଚ୍‌ରେ ଭାରତର ପ୍ରତ୍ୟାବର୍ତ୍ତନ କରାଇଥିଲେ। ଏକଦା ୨ ୱିକେଟ ହରାଇ ୨୨୪ ରନ କରିଥିବା ଇଂଲଣ୍ଡ ୯୪ ରନ୍ ଭିତରେ ୮ ୱିକେଟ ହରାଇ ବ୍ୟାଟିଂ ବିପର୍ଯ୍ୟୟ ଭୋଗିଥିଲା। ବେନ ଡକେଟ୍‌ଙ୍କୁ ବାଦ ଦେଲେ ଅନ୍ୟ ବ୍ୟାଟର ବଡ଼ ଇନିଂସ ଖେଳିବାରେ ବିଫଳ ହୋଇଥିଲେ। ଡକେଟ ୧୫୩ ବଲରେ ୨୩ ଚୌକା ଓ ୨ ଛକା ସହ ୧୫୫ ରନର ଧୂଆଁଧାର ଇନିଂସ ଖେଳିଥିଲେ। ଅଧିନାୟକ ବେନ ଷ୍ଟୋକ୍ସ ୪୧ ରନ ଓ ଓଲି ପପ ୩୯ ରନ କରିଥିଲେ। ଭାରତ ପକ୍ଷରୁ ମହମ୍ମଦ ସିରାଜ ସର୍ବାଧିକ ୪ଟି ସଫଳତା ପାଇଥିବା ବେଳେ ରବୀନ୍ଦ୍ର ଜାଡ୍ଡେଜା ଓ କୁଲଦୀପ ଯାଦବ ପ୍ରତ୍ୟେକ ଦୁଇଟି ଲେଖାଏଁ ୱିକେଟ ନେଇଛନ୍ତି।

# ସରଫରାଜଙ୍କ ପିତାଙ୍କୁ ଥାର୍ ଉପହାର ଦେବେ ଆନନ୍ଦ ମହେନ୍ଦ୍ରା

**ନୂଆଦିଲ୍ଲୀ**

ଟିମ୍ ଇଣ୍ଡିଆର ନୂଆ ମୁହଁ ସରଫରାଜ୍ ଖାନ ଇଂଲଣ୍ଡ ବିପକ୍ଷ ନିଜର ଡେବ୍ୟୁ ମ୍ୟାଚ୍‌ରେ କରିଥିଲେ ଜବରଦସ୍ତ ପ୍ରଦର୍ଶନ । ଖାସ୍ ସେଇଥି ଲାଗି ଚର୍ଚ୍ଚାରେ ଟେଷ୍ଟ ଡେବ୍ୟୁଟାଣ୍ଟ ସରଫରାଜ ଖାନ । ଏଥିରେ ଖୁବ୍ ଖୁସି ଅଛନ୍ତି ଦେଶର ପ୍ରସିଦ୍ଧ ଶିଳ୍ପପତି ଆନନ୍ଦ ମହିନ୍ଦ୍ରା। ସେ ସୋସିଆଲ ମିଡିଆରେ ନିଜର ଖୁସି ବ୍ୟକ୍ତ କରିଛନ୍ତି । ଏଥିସହିତ କ୍ରିକେଟର ସରଫରାଜ ଖାନଙ୍କ ପିତା ନୌଶାଦ ଖାନଙ୍କୁ ପ୍ରଶଂସା କରିଛନ୍ତି। ତେବେ ଆନନ୍ଦ ମହିନ୍ଦ୍ରା ନୌଶାଦଙ୍କୁ ଏକ ଥାର୍ ଏସ୍‌ୟୁଭି କାର ଉପହାର ଦେବାକୁ ଘୋଷଣା କରିଛନ୍ତି ।

ସରଫରାଜଙ୍କ ଟେଷ୍ଟ ଡେବ୍ୟୁ କରିବାର ଗୋଟିଏ ଦିନ ପରେ ଅର୍ଥାତ ଶୁକ୍ରବାର ଦିନ ସୋଶିଆଲ୍ ମିଡିଆ ସାଇଟ୍‌ରେ ଆନନ୍ଦ ମହିନ୍ଦ୍ରା ପୋଷ୍ଟ କରି ଲେଖିଛନ୍ତି, କଠିନ ପରିଶ୍ରମ, ସାହାସ, ଧୈର୍ଯ୍ୟ- ନିଜ ପିଲାଙ୍କୁ ଏପରି ପ୍ରେରଣା ଦେବା, ଏହାଠାରୁ ଭଲ ଗୁଣ କ'ଣ ହୋଇପାରିବ ? ଜଣେ ପ୍ରେରଣାଦାୟକ ମାତା-ପିତା ହୋଇଥିବାରୁ ମହିନ୍ଦ୍ରା ଥାର୍ ଉପହାର ଦେବାକୁ ଚାହୁଁଛି । ଯଦି ଏହି ଉପହାର ଗ୍ରହଣ କରନ୍ତି ତେବେ ଏହା ମୋର ସୌଭାଗ୍ୟ ହେବ ।

ଟେଷ୍ଟ ମ୍ୟାଚ ପୂର୍ବରୁ ସରଫରାଜ ମହାନ କ୍ରିକେଟର ଅନିଲ କୁମ୍ବଲେଙ୍କ ଠାରୁ ତାଙ୍କ ଟେଷ୍ଟ କ୍ୟାପ ଗ୍ରହଣ କରିଥିଲେ। ଯାହାକି ରଣଜୀ ଟ୍ରଫିରେ କଠିନ ପରିଶ୍ରମ କରିବା ପରେ ବର୍ଷ ବର୍ଷ ଧରି ଅପେକ୍ଷା କରିଥିଲା। ସରଫରାଜଙ୍କ ପିତା ନୌଶାଦ ଜଣେ ପଶ୍ଚିମ ରେଳବାଇର କର୍ମଚାରୀ । କିନ୍ତୁ ସେ ପେଟ ପୋଷିବା ପାଇଁ ଖୁବ୍ ସଂଘର୍ଷ କରିଛନ୍ତି ।

ସେ ଟ୍ରାକ ପ୍ୟାଣ୍ଟ ବିକ୍ରି କରିବା ସହିତ ଟ୍ରେନରେ କାକୁଡି ଏବଂ ଚକୋଲେଟ ବିକ୍ରି କରିଥିଲେ। ତଥାପି ନୌଶାଦ ତାଙ୍କ ପୁଅର ସ୍ୱପ୍ନକୁ ପୂରଣ କରିବାରେ ସାହାଯ୍ୟ କରିଥିଲେ। ସେ ଗତ ୧୫ ବର୍ଷ ମଧ୍ୟରେ ସରଫରାଜଙ୍କ କ୍ରିକେଟ କ୍ୟାରିୟରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କ ଯୋଜନା ସମ୍ପର୍କରେ ଜନତାଙ୍କୁ ବୁଝାଇଲେ ମନ୍ତ୍ରୀ

**ଜଳେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅଧିନସ୍ଥ ନଛିମପୁର ପଞ୍ଚାୟତ ଓ ଗୋବରଘଟା ଗ୍ରାମପଞ୍ଚାୟତ ପୃଥକ୍ ପୃଥକ୍ ଭାବେ "ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନଛିମପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ କୁନି କୁନି ଛାତ୍ରଛାତ୍ରୀମାନେ ନୃତ୍ୟ, ସଂଗୀତ ପରିବେଷଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପରିଷଦ ଉପ ସଭାପତି ଅନସୂୟା ପ୍ରଧାନ, ବିଡିଓ ପୁନମ ରାଉତ, ସରପଞ୍ଚ ରାଜେଶ ଜେନା, ସମାଜସେବୀ ଲେଲିନ ପ୍ରଧାନ, ସୋନାଲି ପାତ୍ର, ଯୁବନେତା କାଳୀଚରଣ ଦାସ, ରାସବିହାରୀ ରଣା, ସପନ କୁମାର ଜେନା, ୱାର୍ଡ ସଭ୍ୟ ପ୍ରତିନିଧି ବଂଶୀଧର ପଧାନ, ଅମର ପାତ୍ର, ୱାର୍ଡ ସଭ୍ୟ ଉତ୍ତମ ରାଉତ,ଏମ୍‌ବିକେ କାଞ୍ଚନ ସେନାପତି, ନାଏବ ସରପଞ୍ଚ, ୱାର୍ଡ ସଭ୍ୟ ନିଶିକାନ୍ତ ଦାସ, ୱାର୍ଡ ସଭ୍ୟ ମଧୁସୂଦନ ସିଂହ , ରାମଚନ୍ଦ୍ର ପ୍ରଧାନ, ରାଧାରାଣୀ ପାତ୍ର ପିଇଓ ରିତାଞ୍ଜଳି ଦାସ, ସସ୍ମିତା ମହାନିଳ ସମେତ ପଞ୍ଚାୟତର ବହୁ କର୍ମୀ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ ଯୋଗଦାନ କରି ସରକାରଙ୍କ ସବୁ




ଯୋଜନା ବିଷୟରେ ଶୁଣିଥିଲେ। ଉକ୍ତ ପଞ୍ଚାୟତକୁ ସରଶ ସୁନ୍ଦର କରିବା ପାଇଁ ଜିଲ୍ଲା ପରିଷଦ ଉପ ସଭାପତି ଶ୍ରୀମତୀ ପ୍ରଧାନ ସରପଞ୍ଚ ଶ୍ରୀ ଜେନାଙ୍କୁ କହିଥିଲେ। ସେହିପରି ଜଳେଶ୍ୱର ବ୍ଲକ ଗୋବରଘାଟା ପଞ୍ଚାୟତରେ ମଧ ସରପଞ୍ଚ ମିନତୀ କରଙ୍କ ଅଧ୍ୟକ୍ଷତାରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶାର ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପତ୍ର ଯୋଗ ଦେଇ ଥିଲେ। ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବରିଷ୍ଠ ନେତୃତ୍ୱର ବିକାଶ ମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ସଭାରେ ଉପସ୍ଥିତ ଥିବା ଜନସାଧାରଣ ଙ୍କୁ ମାନ୍ୟବର ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ। ସମ୍ମାନିତ ଅତିଥି ଅତିଥି ସମିତିସଭ୍ୟ ଜିତେନ୍ଦ୍ର ଦାସ୍ ନାଥୁରାମ ହେମ୍ବମ ନାଏବ ସରପଞ୍ଚ ସୁବଳ ମହାବି, ଏମ୍‌ବିକେ ସୁବାସିନୀ ଦାସ, ଯୁବନେତା ବିଶ୍ୱଜିତ ପାଳ, ପିଇଓ ଅଞ୍ଜନ ଗୋହ୍ମାୟତ, ଜିଆରଏସ୍ ଶଙ୍କର ଘୋଷଙ୍କ ସହ ସମସ୍ତ ଓ°ର୍ତ ସଭ୍ୟମଭ୍ୟା ଉପସିତ ଥିଲେ। ପରିଶେଷରେ ଚାରି ହଜାରରୁ ଉର୍ଦ୍ଧ୍ୱ ଲୋକ ମାଂସ ଓ ମାଛ ଭୋଜନ କରି ଥିଲେ ଓ କୁନି କୁନି ଛାତ୍ରଛାତ୍ରୀମାନେ ନୃତ୍ୟ ସଂଗୀତ ପରିବେଷଣ କରି ମୁଖ୍ୟ ଅତିଥି ମୁଖ୍ୟ ବକ୍ତାଙ୍କ ପାଖରୁ ମାନପତ୍ର ସିଲ୍ ଗ୍ରହଣ କରିଥିଲେ।

# କ୍ୟାପ୍ ପିନ୍ଧିଲେ ରେକର୍ଡ ଭାଙ୍ଗିଲେ

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟରେ ଆଉ ଜଣେ ନୂଆ ଷ୍ଟାର ଡେବ୍ୟୁ ମ୍ୟାଚ୍‌ରେ ଜବରଦସ୍ତ ପ୍ରଦର୍ଶନ । ତେବେ ବଡ କଥାଟି ହେଲା ଅନେକ ଖୁସିରେ ନିଆରା ରେକର୍ଡ । ଖାସ୍ ସେଇଥିଲାଗି ଚର୍ଚ୍ଚାରେ ଟେଷ୍ଟ ଡେବ୍ୟୁଟାଣ୍ଟ ସରଫରାଜ ଖାନ ରାଜକୋଟ ଟେଷ୍ଟର ପ୍ରଥମ ଇନିଂସରେ ନୂଆ କିର୍ତ୍ତିମାନ ଇଂଲଣ୍ଡ ବିପକ୍ଷରେ ନିଜର ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ କରିଛନ୍ତି ବିସ୍ଫୋରକ ଡେବ୍ୟୁ ଖେଳିଛନ୍ତି । ଏକ ସୁନ୍ଦର ଅର୍ଦ୍ଧ ଶତକୀୟ ଇନିଂସ ତେବେ ଚର୍ଚ୍ଚାର କଥାଟି ହେଲା ସର୍ଫରାଜଙ୍କୁ ଯେଉଁ ମହାନ କ୍ରିକେଟର ଟେଷ୍ଟ କ୍ୟାପ ପିନ୍ଧାଇଲେ , ତାଙ୍କ ରେକର୍ଡ ଭାଙ୍ଗିଛନ୍ତି ସର୍ଫରାଜ ।

ମୁମ୍ବାଇ ରଣଜୀ ଟିମ୍ ତାରକା ଟେଷ୍ଟ କ୍ରିକେଟରେ ଏକ ସମ୍ଭାବନାମୟ ପାଳି ସୂଚନା ବି ଦେଇଛନ୍ତି । କାରଣ ସେ କିମ୍ବଦନ୍ତୀ କ୍ରିକେଟର ଅନିଲ କୁମ୍ବଲେଙ୍କ ରେକର୍ଡ ସହ କିଛି ସମାନ ଓ କିଛି ଅଧିକା କଥା ଲେଖିଛନ୍ତି । ଭାରତର ଅଦ୍ୱିତୀୟ ସ୍ପିନର ତଥା ଜେଣ୍ଟଲ କ୍ରିକେଟର ଅନୀଲ କୁମ୍ବଲେ ସେ ରାଜକୋଟ ଗ୍ରାଉଣ୍ଡରେ ଭାରତ-ଇଂଲଣ୍ଡ ତୃତୀୟ ଟେଷ୍ଟ ମ୍ୟାଚ୍ ଆରମ୍ଭରେ ସର୍ଫରାଜଙ୍କୁ ପିନ୍ଧାଇଛନ୍ତି। ଟେଷ୍ଟ ଡେବ୍ୟୁ କ୍ୟାପ୍ ଏହା ସର୍ଫରାଜଙ୍କ ଲାଗି ସ୍ମରଣୀୟ। ତେବେ ଜବରଦସ୍ତ ପ୍ରଦର୍ଶନ କରି ସର୍ଫରାଜ ଏହାକୁ ଅଧିକ ମଜବୁତ କରିଛନ୍ତି ।



କୁମ୍ବଲେ- ସର୍ଫରାଜ ଜଣେ ଲିଜେଣ୍ଡ ସ୍ପିନର, ଆଉ ଜଣେ ଆଇପିଏଲ୍‌ର ସବୁଠୁ ୟଙ୍ଗେଷ୍ଟ ତଥା ଅନକ୍ୟାପ୍ଡ ପ୍ଲେୟାର ରେକର୍ଡ ହୋଲଡର । ଏହା ସହ ସରଫରାଜ ଖାନ ଏବଂ ଅନିଲ କୁମ୍ବଲେଙ୍କ ମଧ୍ୟରେ ରହିଛି ଖାସ୍ କନେକ୍ସନ୍। ଅନିଲ କୁମ୍ବଲେ ୯ ଅଗଷ୍ଟ ୧୯୯୦ରେ ମଞ୍ଚେଷ୍ଟରରେ ଇଂଲଣ୍ଡ ବିପକ୍ଷରେ ଟେଷ୍ଟ ମ୍ୟାଚ୍‌ରେ କରିଥିଲେ ଡେବ୍ୟୁ । ସରଫରାଜ ବି ଇଂଲଣ୍ଡ ବିପକ୍ଷରେ କରିଛନ୍ତି ଟେଷ୍ଟ ଡେବ୍ୟୁ । କୁମ୍ବଲେ ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ହୋଇଥିଲେ ରନ୍ ଆଉଟ। ଠିକ୍ ସେପରି ଭାବେ ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ସର୍ଫରାଜ ବି ରନ୍ ଆଉଟ୍।

କିନ୍ତୁ ଆଉ ଏକ ଦିଗରେ କୁମ୍ବଲେଙ୍କୁ ଟପିଛନ୍ତି ସର୍ଫରାଜ ଅନୀଲ କୁମ୍ବଲେ। ତାଙ୍କର ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ମାତ୍ର ୨ ରନ କରିବାରେ ହୋଇଥିଲେ ସକ୍ଷମ। କିନ୍ତୁ ସରଫରାଜଙ୍କ ପ୍ରଥମ ଇନିଂସ କରିଛନ୍ତି ୬୨ ରନ୍ ୯ ଚୌକା ଏବଂ ଗୋଟିଏ ଛକ୍କା ସହାୟତାରେ ୬୬ ବଲରେ ୬୨ ରନ କରି ସର୍ଫରାଜ ଦୁର୍ଭାଗ୍ୟପୂର୍ଣ୍ଣ ଭାବେ ରନ୍‌ଆଉଟ୍ ହୋଇଛନ୍ତି । ଶ୍ରେୟସ୍ ଆୟରଙ୍କ ସ୍ଥାନରେ ଟିମ୍‌ରେ ସାମିଲ ହୋଇଛନ୍ତି । ଦିଲ୍ଲୀ ଆଇପିଏଲ୍ ଟିମ୍‌ର ଯୁବ ବ୍ୟାଟର ସର୍ଫରାଜ ଖାନ୍ ତେବେ ଏହା ବି ଏକ ସୁଯୋଗ ଓ ଭାଗ୍ୟ କହିଲେ ଭୁଲ ହେବନି। ଆୟରଙ୍କ ସ୍ଥାନରେ କେଏଲ୍ ରାହୁଲଙ୍କୁ ଟିମ୍‌ରେ ସାମିଲ କରାଯାଇଥିଲା , କିନ୍ତୁ ସେ ପୁରା ଫିଟ୍ ନଥିବାରୁ ୩ୟ ଟେଷ୍ଟ ମ୍ୟାଚରୁ ହୋଇଥିଲେ ବାହାର। ଆଉ ତାଙ୍କ ସ୍ଥାନରେ ଟିମ୍‌ରେ ସାମିଲ୍ ହୋଇଥିଲେ ୨୫ ବର୍ଷିୟ ସରଫରାଜ ।

ସରଫରାଜ ଟିମ ଇଣ୍ଡିଆ ପାଇଁ ଟେଷ୍ଟ କ୍ରିକେଟ ଖେଳୁଥିବା ୩୧୧ ତମ ଖେଳାଳୀ ହୋଇଛନ୍ତି। ଏହି ମ୍ୟାଚ୍‌ରେ ଆଉ ଏକ ଭାବପ୍ରବଣ ଦୃଶ୍ୟଥିଲା ସର୍‌ଫରାଜଙ୍କ ଟେଷ୍ଟ କ୍ୟାପ୍ ପିନ୍ଧିବାର ମୂହୁର୍ତ୍ତ। ପୁଅର ସେହି ସୌଭାଗ୍ୟରେ ଆତ୍ମହରା ହୋଇପଡିଥିଲେ ସର୍ଫରାଜଙ୍କ ବପା ନୌସର ଖାନ୍ । ସେ ବି ତାଙ୍କ ପୁଅର କୋଚ୍। ତା ସହ ପଡିଆ ନିକଟରେ ଥିବା ସର୍ଫରାଜଙ୍କ ପତ୍ନୀ ରୋମାନା ବି ଖୁସିରେ କାନ୍ଦି ପକାଇଥିଲେ। ସରଫରାଜଙ୍କୁ ଅନୀଲ କୁମ୍ବଲେଙ୍କ ଆଡଭାଇସ୍ ଓ ବେଷ୍ଟ ଉଇସେସ୍ ସହ ନୌସରଙ୍କ ସହ ରୋହିତ ଶର୍ମାଙ୍କ ସମ୍ଭାଷଣ ବି ହୋଇଥିଲା ରାଜକୋଟ ଗ୍ରାଉଣ୍ଡର ସୁନ୍ଦର ଦୃଶ୍ୟ ।

# ରାଜ୍ୟ ସ୍ତରୀୟ ମା ସୁବର୍ଣ୍ଣମୁଖୀ କ୍ରିକେଟ ସୋରର ୟୁନାଇଟେଡ କ୍ଲବ ସେମିରେ

**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ସୋଧ ଧରମ ପଡ଼ିଆ ଠାରେ ରାଜ୍ୟ ସ୍ତରୀୟ ମା ସୁବର୍ଣ୍ଣମୁ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ପ୍ରଥମ ଲିଗ ମ୍ୟାଚ ବାଲେଶ୍ୱର ସୋରର ୟୁନାଇଟେଡ କ୍ଲବ ସହିତ ଖୋର୍ଦ୍ଧା କ୍ରିକେଟ ଏସୋସିଏସନ ଖୋର୍ଦ୍ଧା ମଧ୍ୟରେ ହୋଇ ୟୁନାଇଟେଡ କ୍ଲବ ବିଜୟ ହୋଇ ସେମି ଫାଇନାଲକୁ ପ୍ରବେଶ କରିଛି। ଖୋର୍ଦ୍ଧା ଏସୋସିଏସନ ଟସ ଜିତି ୧୬.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୬୧ ରନ ସଂଗ୍ରହ କରିଥିଲା। ଦଳର ରଶ୍ମିକାନ୍ତ ୫୫ ରନ, ଆର ଚିସ ମାନ ୨୧ ରନ କରିଥିଲେ। ପ୍ରତିପକ୍ଷ ବୋଲର ଲୋକନାଥ ୪ ଓଭରରେ ୪ ଉଇକେଟ, କେ କେ ପ୍ରଧାନ ୪ ଓଭରରେ ୨ ଉଇକେଟ ନେଇଥିଲେ। ଜବାବରେ ୟୁନାଇଟେଡ କ୍ଲବ ୧୬.୨ ଓଭରରେ ୫ ଉଇକେଟା ହରାଇ ୧୬୨ ରନ କରି ବିଜୟ ହୋଇଥିଲା । ଦଳର ପ୍ରଦୀପ୍ତ ୫୫ ରନ, ସୁମନ ଗିରି ୩୭ ରନ କରିଥିଲେ। ପ୍ରତିପକ୍ଷ ବୋଲର ନିଲୁ ପ୍ରଧାନ ୩ ଓଭରରେ ୧ ଉଇକେଟ ,ବିଶ୍ୱଭୂଷଣ ୪ ଓଭରରେ ୧ ଉଇକେଟ ଅକ୍ତିଆର କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ଭାବେ ୟୁନାଇଟେଡ କ୍ଲବର ପ୍ରଦୀପ୍ତଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଅମ୍ପାୟାର ଭାବେ ଅଶୋକ ଜେନା,ସୁଧାଂଶୁ ଲେଙ୍କା ଦାୟିତ ତୁଲାଇଥିଲେ। ସ୍କୋରର ଥିଲେ ପ୍ରଦୀପ ଆଦିଆ ଓ ଦୀପକ ଖଟୁଆଧାରା ବିବରଣୀ ପ୍ରଦାନ କରିଥିଲେ। ଭୋଳା ନାଥ ସାହୁ, ଟିପୋ ଅଲ୍ଲି ଖାଁ ଓ ଅଜୟ ସାହୁ ରବିବାର ଦ୍ୱିତୀୟ ଲିଗ ମ୍ୟାଚ ଟାଟା ଜାମସେଦପୁର ସହିତ ଆରିଅର୍ସ ବରି ଯାଜପୁର ମଧ୍ୟରେ ଅନୁଷ୍ଠିତ ହେବ।

# 'ଲକ୍ଷ୍ମୀ ବସ୍ ମା'ମାନଙ୍କୁ ସଶକ୍ତ ଓ ଗତିଶୀଳ କରିବ'

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ଜିଲ୍ଲା ପରିଦର୍ଶନ ସମୟରେ ଗ୍ରାମାଞ୍ଚଳରେ ମା ମାନେ କିଭଳି ଅଧିକରୁ ଅଧିକ ସଞ୍ଚୟ କରି ସଶକ୍ତ ହେବେ, ଗ୍ରାମାଞ୍ଚଳର ଚ୍ଛାତ୍ର ଚ୍ଛାତ୍ରୀମାନେ ବିଦ୍ୟାଳୟକୁ ବିନା ଦ୍ୱିଧାରେ ସହଜ ପରିବହନ ମାଧ୍ୟମରେ ବିଦ୍ୟାଳୟ ଓ ମହାବିଦ୍ୟାଳକୁ ଯାଇପାରିବେ, ଚାଷୀ, କୃଷକ ତାଙ୍କର ବିପଣନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ଲାଭବାନ ହେବେ ସେଥିପାଇଁ ଗ୍ରାମ ପଞ୍ଚାୟତ ସ୍ତରରୁ ବ୍ଲକ ମୁଖ୍ୟାଳୟ, ଜିଲ୍ଲା ମୁଖ୍ୟାଳୟ, ରାଜଧାନୀ ଓ ଶ୍ରୀ ଜଗନ୍ନାଥ ଧାମ, ପୁରୀକୁ ସରଳ ଓ ସହଜ ଯୋଗାଯୋଗ କରିବା ନିମନ୍ତେ ଲକ୍ଷ୍ମୀ ବସ୍ ଯୋଜନାର ଆବିଷ୍କାର କରିଥିଲେ । ଏହି ଯୋଜନାରେ ସମାଜର ମା ମାନଙ୍କ ପାଇଁ ୫ ଟଙ୍କା ଟିକଟ ଦାମ୍‌ରେ ଯାତାୟତ ଏବଂ ସର୍ବୋପରି ଗ୍ରାମୀଣ ଜୀବନଧାରାକୁ ସମୃଦ୍ଧ କରିବା ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଯାଜପୁର ଜିଲ୍ଲା ସହ ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡା, ଭଦ୍ରକ ଓ ନୟାଗଡ ସମେତ ୬ ଗୋଟି ଜିଲ୍ଲାରେ ୧୩୬୩ ଗ୍ରାମ ପଞ୍ଚାୟତକୁ ଲକ୍ଷ୍ମୀ ବସ୍ ଯୋଜନାରେ ୧୯୮ ଗୋଟି ବସ୍ ଲୋକାର୍ପଣ କରି ଉପରୋକ୍ତ ବିଷୟ ପ୍ରକାଶ କରିଚ୍ଛନ୍ତି । ଏହାଦ୍ୱାରା ୬ ଗୋଟି ଜିଲ୍ଲାର ପ୍ରାୟ ୭୫ ଲକ୍ଷରୁ ଉର୍ଦ୍ଧ୍ୱ ଜନସାଧାରଣ ସେମାନଙ୍କ ଦୈନନ୍ଦିନ ଜୀବନ ଶୈଳୀରେ ବ୍ୟାପକ ଉନ୍ନତିର ପରିବର୍ତ୍ତନ ହେବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ରଖିଥିଲେ । ଆଭାସୀରେ ୫-ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ




ଲକ୍ଷ୍ମୀବସ୍ ଲୋକାର୍ପଣ ଯାଜପୁର ଜିଲ୍ଲା ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ଓଡିଶାର ମାନ୍ୟବର ବାଣିଜ୍ୟ, ପରିବହନ ଏବଂ ଜଳ ସମ୍ପଦ ମନ୍ତ୍ରୀ ଶ୍ରୀମତୀ ଟୁକୁନୀ ସାହୁ ଯୋଗଦେଇ କହିଲେ ଯେ, ପୁରୀ ଜିଲ୍ଲାରୁ ମୁଖ୍ୟମନ୍ତ୍ରୀ ଲକ୍ଷ୍ମୀ ବସ୍ ପ୍ରକଳ୍ପରେ ୧୯୮ ବସ୍ ଲୋକାର୍ପଣ କରି ମା ମାନଙ୍କୁ ଗତିଶୀଳ, ସଶକ୍ତ ଓ ସମୃଦ୍ଧ କରିବା ସହ ଓଡିଶାକୁ ଏକ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ଯେଉଁ ପ୍ରୟାସର ଭିଜନ ତାହା ଅଭିନନ୍ଦନୀୟ ବୋଲି ପ୍ରକାଶ କରିଥିଲେ । ଲକ୍ଷ୍ମୀ ବସ୍ ଲୋକାର୍ପଣ ପ୍ରାରମ୍ଭରେ ଓଡିଶା ସରକାର ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢୀ ୬ ଗୋଟି ଜିଲ୍ଲାର ଆଭାସୀରେ ଯୋଡି ହୋଇଥିବା ସଭାର ଅତିଥି ମାନଙ୍କୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ସହ ଲକ୍ଷ୍ମୀ ବସ୍ ଯୋଜନାର ଆଭିମୁଖ୍ୟ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ଓଡିଶା ବିଧାନ ସଭାର ବାଚସ୍ପତି ଶ୍ରୀମତୀ ପ୍ରମିଳା ମଲ୍ଲିକ, ମନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ପ୍ରୀତି ରଂଜନ ଘଡାଇ, ବିଧାୟକ, ବଡଚଣା ଅମର ପ୍ରସାଦ ଶତପଥୀ, ବିଧାୟିକା, ବରୀ ଶ୍ରୀମତୀ ସୁନନ୍ଦା ଦାସ, ଜିଲ୍ଲା ପରିଷଦ ସଭାପତି ଶ୍ରୀମତୀ ନଳିନୀ ପ୍ରଭା ଯେନା ମଞ୍ଚାସୀନ ଥିଲେ ।

ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଉପ-ସଭାପତି ଗଣେଶ୍ୱର ବରାଳ, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶୁଭେନ୍ଦ୍ର କୁମାର ସାମଲ, ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ନବକ୍ରିଷ୍ଣ ଜେନା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅଶୋକ କୁମାର ବେହୁରିଆ, ଉପଜିଲ୍ଲାପାଳ ଅଂଶୁମାନ ଶତପଥୀ, ଯାଜପୁର ପୌର ପରିଷଦ ଅଧକ୍ଷା ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ଆଞ୍ଚଳିକ ପରିବହନ ଅଧିକାରୀ, ଯାଜପୁର ନୀଳକଣ୍ଠ ପ୍ରଧାନ, ଏମ୍.ଭି.ଆଇ ଦୀପକ କୁମାର ସେଠୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ମିଶନ ଶକ୍ତିର ମା ମାନେ ଏବଂ ଚ୍ଛାତ୍ର ଚ୍ଛାତ୍ରୀ ବୃନ୍ଦ ବହୁଳ ଭାବେ ଅଂଶ ଗ୍ରହଣ କରିଥିଲେ ।

## ସେରଗଡରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିର

# ରାଜ୍ୟସରକାରଙ୍କ ଯୋଜନା ରାଜ୍ୟବାସୀଙ୍କ ସେବାରେ ଉପଯୋଗ

**ବାଲେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରେମୁଣା ବ୍ଲକର ସେରଗଡ଼ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ, ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥି ନିମନ୍ତେ ଆୟୋଜିତ ସଭାରେ, ମୁଖ୍ୟ ଅତିଥି ଭାବେ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଯୋଗଦେଇ, ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉକ୍ତ ସଚେତନତା ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସେ ତାଙ୍କ ଅଭିଭାଷଣରେ କହିଥିଲେ କି, ଓଡିଶାର ଜନପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସମାଜର ପ୍ରତେକଟି ସ୍ତରରେ ବହୁ ଜନ କଲ୍ୟାଣକାରୀ ଯୋଜନା ପ୍ରଣୟନ କରିବା ସହିତ, ରାଜ୍ୟବାସୀଙ୍କ ସେବାରେ ସମସ୍ତ ଯୋଜନାକୁ ଉପଯୋଗ ମଧ୍ୟ କରିଛନ୍ତି। ବିଗତ ପାଞ୍ଚ ବର୍ଷରେ ମୁଖ୍ୟମନ୍ତ୍ରୀଙ୍କର ଏହି ସବୁଜନ କଲ୍ୟାଣ କାରୀ ଯୋଜନା ଦ୍ୱାରା ,ରାସ୍ତା ଘାଟ, ପାନୀୟ ଜଳ, ବାସଗୃହ ,ଗମନା ଗମନ ପାଇଁ ରାସ୍ତା ,କୃଷକ ମାନଙ୍କ ପାଇଁ କୃଷି କ୍ଷେତ୍ରରେ ବହୁ ବିଧ ଉନ୍ନତି ସାଧିତ ହୋଇଛି। ବିଶେଷ ଭାବରେ ମାଆ ଭଉଣୀ ମାନଙ୍କ ପାଇଁ ପ୍ରଣୀତ ମିଶନ ଶକ୍ତି କାର୍ଯ୍ୟକ୍ରମ ମାଧମରେ, ମହିଳା ମାନେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ମମତା ଯୋଜନାରେ ପିଲାର ଜନ୍ମ ପୂର୍ବରୁ ମିଳୁଥିବା ସହାୟତା ରାଶି ଦୁଇଗୁଣ କରାଯାଇଛି। ଗରିବ ଦିନମଜୁରିଆ କୃଷକ,ଭିନ୍ନକ୍ଷମ, ବୟସ୍କ ନାଗରିକ, ବିଧବା ମହିଳା, ଛାତ୍ରଛାତ୍ରୀ ଶିଳ୍ପୀ କାରିଗର, ଗୃହିଣୀ ନିଃସହାୟ ବ୍ୟକ୍ତିଂକ ପାଇଁ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରି ମୁଖ୍ୟମନ୍ତ୍ରୀ ଉଦାର ହୃଦୟର ପରିଚୟ ଦେଇଛନ୍ତି। ଏକଦା ଅବହେଳିତ ଥିବା ସେରଗଡ ପଂଚାୟତ ଆଜି ବିକାଶର ଶୀର୍ଷରେ ପହଁଚିଛି ।୫-ଟି ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ବାଉଁଶମୁହା ଗ୍ରାମର ଭାଗବତ ଗୋସାଇଁ ଉଚ୍ଚ ବିଦ୍ୟାଳୟର ରୂପାନ୍ତରୀକରଣ କାର୍ଯ୍ୟ ସରିଛି। ସେରଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ରୂପାନ୍ତରଣ କାର୍ଯ୍ୟ ଚାଲିଛି। ସେହି ପରି ୧୬ ନଂ ଜାତୀୟ ରାଜପଥର ବରପଦା ଛକ ଠାରୁ ବରୁଣ ସିଂ



ପଞ୍ଚାୟତର ଟିଣା ମଣ୍ଡଗାଁ ପର୍ଯ୍ୟନ୍ତ ପ୍ରଧାନ ମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଅନୁରୂପ ଭାବେ ୧୬ ନଂ ଜାତୀୟ ରାଜପଥର ପଞ୍ଚାଗଡ ଛକ ଠାରୁ ନୂଆଗାଁ ପଞ୍ଚାୟତର ଦିଖାପଦା ପର୍ଯ୍ୟନ୍ତ ପ୍ରଧାନ ମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନୂତନ ରାସ୍ତା ନିର୍ମାଣ କାମ ଶେଷ ହୋଇଛି। ତେଣୁ ମୁଖ୍ୟମନ୍ତ୍ରୀ ଙ୍କ ବହୁ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ସାଧାରଣ ଜନତାଙ୍କୁ ତୃଣମୂଳ ସ୍ତରରେ ଏହାର ସୁଫଳ ପାଇବା ପାଇଁ ,ଆଜିର ଏହି ସଚେତନତା କାର୍ଯ୍ୟକ୍ରମ ଚାଲିଛି। ଆୟୋଜିତ ସଭାରେ ଶେରଗଡ଼ ସରପଞ୍ଚ ଦୟାନିଧି ମହାପାତ୍ର ସଭାପତିତ୍ୱ କରିଥିବା ବେଳେ, ବରିଷ୍ଠ ଆଇନଜୀବୀ ମହେଶ୍ୱର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ । , ସମିତି ସଭ୍ୟା ରଞ୍ଜିତା ନାୟକ, ଜିଲ୍ଲା ପରିଷଦ ସଭ୍ୟା କଲ୍ୟାଣୀ ବାରିକ, ଉଦବୋଧନ ଦେଇ ଆମ ଓଡ଼ିଶା ନବୀନ ଓଡ଼ିଶା ର ଜନକଲ୍ୟାଣ କାରୀ ଯୋଜନା ସମ୍ପର୍କରେ, ଉପସ୍ଥିତ ପଞ୍ଚାୟତ ବାସୀଙ୍କୁ ଅଭିଭାଷଣ ମାଧମରେ ସଚେତନ କରାଇଥିଲେ। ପାଲା ପରିବେଷଣ ମାଧମରେ ମମତା ଯୋଜନା ଠାରୁ ଆରମ୍ଭ କରି ହରିଶ୍ଚନ୍ଦ୍ର ଯୋଜନା, ସ୍ୱାସ୍ଥ୍ୟ କ୍ଷେତ୍ରରେ ବିଜୁ କୃଷକ କଲ୍ୟାଣ ଯୋଜନା ର ସଫଳ ଉପଯୋଗୀତା ସମ୍ପର୍କରେ ଅବଗତ କରାଇଥିଲେ । ଅନ୍ୟପକ୍ଷରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଛାତ୍ର ଛାତ୍ରୀ, କଳାକାର ଏବଂ ବରିଷ୍ଠ ନାଗରିକଙ୍କୁ ପଞ୍ଚାୟତ ପକ୍ଷରୁ ସମ୍ମାନିତ କରାଯିବା ସହିତ ନଗଦ ଅର୍ଥ ରାଶି ଦେଇ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜୁନିୟର ଇଂଜିନିୟର ସ୍ମିତା ବାଗ, ପଂଚାୟତ ନିର୍ବାହୀ ଅଧିକାରୀ ପ୍ରଦୀପ ବେହେରା, ଜି ଆର ଏସ ସୁଜୟ ବେହେରା, ଓ ଏଲ ଏମ ଡି ପି ଏ ମ ବନ୍ଦିତା ଦାସ, ବିରୁଆଁ ସରପଂଚ ସୁମନ୍ତ ଦାସ,ବିଜେଡିର ଜିଲ୍ଲା ସାଧାରଣ ସଂପାଦକ ରବି ରାଉତ, ଏମ ବି କେ କୋଇଲି ମାରାଣ୍ଡି, ଆଇସିଡିଏସ ସୁପରଭାଇଜର ପ୍ରମିଳା ସ, ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି, ସମସ୍ତ ୱାର୍ଡ ସଭ୍ୟ ସଭ୍ୟା ବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ।

ସମ୍ବାଦ କଳିକା The Sambad Kalika RNI Regd. No. : 52640/94 Postal Regd. No. : BN/60/22-24 ଭୁବନେଶ୍ୱର ୧୮ ଫେବୃୟାରୀ ରବିବାର, ୨୦୨୪ ଶେଷ ପୃଷ୍ଠା
DSPL-669

# ଲକ୍ଷ୍ମୀ ବସ୍ ଯୋଜନାରେ ସାମିଲ୍ ହେଲା ଆଉ ୬ଟି ଜିଲ୍ଲା







## ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡା, ଭଦ୍ରକ, ଯାଜପୁର ଓ ନୟାଗଡ ଲକ୍ଷ୍ମୀ ଯୋଜନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

GATISHILA ODISHA - NABIN ODISHA LAXMI

## ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ମହିଳା ସଶକ୍ତିକରଣକୁ ପ୍ରୋତ୍ସାହନ କରାଯାଇଛି

ପୂର୍ବରୁ ମାଲକାନଗିରି, ରାୟଗଡା, ଗଜପତି, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ଢେଙ୍କାନାଳ, ଅନୁଗୁଳ, ଦେବଗଡ଼, ବରଗଡ, ବଲାଙ୍ଗୀର, ମୟୁରଭଞ୍ଜ, ସୁନ୍ଦରଗଡ ଓ କେନ୍ଦୁଝର ଜିଲ୍ଲାରେ ଲକ୍ଷ୍ମୀ ଯୋଜନାର ସଫଳ ଶୁଭାରମ୍ଭ ଓ ପରିଚାଳନା ହୋଇସାରିଛି । ବର୍ତ୍ତମାନ ତୃତୀୟ ପର୍ଯ୍ୟାୟରେ ଆଉ ଛଅଟି ପ୍ରମୁଖ ଜିଲ୍ଲା ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡା, ଭଦ୍ରକ, ଯାଜପୁର ଓ ନୟାଗଡ ଜିଲ୍ଲାରେ ଭର୍ଚ୍ୟୁଆଲ୍ ମାଧ୍ୟମରେ ଶୁଭାରମ୍ଭ କରାଯାଇଛି । ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ସାର୍ବଜନୀନ ପରିବହନ ଭିତ୍ତିଭୂମିକୁ ସୁଦୃଢ ଓ ଉନ୍ନତ କରିବା ପାଇଁ ଏଇ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି ।

ଖୋର୍ଦ୍ଧା ଜିଲ୍ଲାରେ ପରିବହନ, ଗମନାଗମନ ତଥା ଯୋଗାଯୋଗ କ୍ଷେତ୍ରରେ ପ୍ରଗତି ଆଣିବା ପାଇଁ ଲକ୍ଷ୍ମୀ ବସ୍ ଯୋଜନାର ଆରମ୍ଭ ହୋଇସାରିଛି । ସର୍ବମୋଟ ୧୫୪ଟି ଗ୍ରାମ ପଞ୍ଚାୟତରେ ଥିବା ୧୫ଲକ୍ଷ ଲୋକଙ୍କୁ ବ୍ଲକ ସହିତ ସଂଯୋଗ କରିବା ପାଇଁ ୨୨ଟି ଅଣ-ଏସି ବସ୍ ଏବଂ ଜିଲ୍ଲା ସହିତ ସଂଯୋଗ କରିବା ପାଇଁ ୬ଟି ଏସି ବସ୍ କାର୍ଯ୍ୟରେ ଲଗା ଯାଇଛି ।







ପୁରୀ ଯାହା ପର୍ଯ୍ୟଟନର ଏକ ପ୍ରମୁଖ କେନ୍ଦ୍ର ଓ ଯାହାକୁ ଶ୍ରୀକ୍ଷେତ୍ର ବା ଶ୍ରୀ ଜଗନ୍ନାଥ ଧାମ ମଧ୍ୟ କୁହାଯାଏ, ଏହି ଜିଲ୍ଲାରେ ୪୩୩ଟି ଗ୍ରାମ ପଞ୍ଚାୟତ ମଧ୍ୟରେ ଯୋଗାଯୋଗ ମାଧ୍ୟମକୁ ଗୁରୁତ୍ୱ ଦିଆଯାଇଛି । ବ୍ଲକ ସହିତ ସଂଯୋଗ କରିବା ପାଇଁ ସର୍ବମୋଟ ୪୪ଟି ଅଣ-ଏସି ବସ୍ ଏବଂ ଜିଲ୍ଲା ସହିତ ସଂଯୋଗ କରିବା ପାଇଁ ୧୦ଟି ଏସି ବସ୍‌ର ଶୁଭାରମ୍ଭ କରାଯାଇଛି ଯାହାଦ୍ୱାରା ଏହି ଜିଲ୍ଲାର ୧୪ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଉପକୃତ ହେବେ । ସେହିପରି କେନ୍ଦ୍ରାପଡା ଜିଲ୍ଲା ଯାହା ତୁଳସୀକ୍ଷେତ୍ର ଭାବେ ଜଣାଶୁଣା, ଏହି ଜିଲ୍ଲାର ୧୯୬ଟି ଗ୍ରାମ ପଞ୍ଚାୟତକୁ ସଂଯୋଗ କରିଛି ଆମ ଲକ୍ଷ୍ମୀ ବସ୍ । ବ୍ଲକ ସହିତ ସଂଯୋଗ କରିବା ପାଇଁ ୩୫ଟି ଅଣ-ଏସି ବସ୍ ଓ ଜିଲ୍ଲା ସହିତ ସଂଯୋଗ କରିବା ପାଇଁ ୮ଟି ଏସି ବସ୍‌ର ଆରମ୍ଭ କରାଯାଇଛି। ଏହା ଦ୍ୱାରା ସିଧାସଳଖ ଭାବେ ପାଖାପାଖି ୧୧ଲକ୍ଷ ଲୋକ ଲକ୍ଷ୍ମୀ ବସ୍‌ର ସେବା ପାଇପାରିବେ । ଏହି ପରିବର୍ତ୍ତନଶୀଳ ଲକ୍ଷ୍ମୀ ବସ୍ ଭଦ୍ରକ ଜିଲ୍ଲାରେ ମଧ୍ୟ ଆରମ୍ଭ ହୋଇଛି । ସର୍ବମୋଟ ୧୫୮ଟି ଗ୍ରାମ ପଞ୍ଚାୟତରେ ଥିବା ୧୫ଲକ୍ଷ ଲୋକଙ୍କୁ ବ୍ଲକ ସହିତ ସଂଯୋଗ କରିବା ପାଇଁ ୨୫ଟି ଅଣ-ଏସି ବସ୍ ଏବଂ ଜିଲ୍ଲା ସହିତ ସଂଯୋଗ କରିବା ପାଇଁ ୬ଟି ଏସି ବସ୍ କାର୍ଯ୍ୟରେ ଲଗା ଯାଇଛି। ଏହା ବ୍ୟତୀତ ଯାଜପୁର ଜିଲ୍ଲାରେ ମଧ୍ୟ ଲକ୍ଷ୍ମୀ ବସ୍‌ର ଐତିହାସିକ ଶୁଭାରମ୍ଭ ହୋଇଛି । ସର୍ବମୋଟ ୧୭ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଥିବା ୨୩୩ଟି ଗ୍ରାମ ପଞ୍ଚାୟତ ଏହି ଯୋଜନାରେ ଉପକୃତ ହେବେ । ବ୍ଲକ ସହିତ ସଂଯୋଗ କରିବା ପାଇଁ ୩୭ଟି ଅଣ-ଏସି ବସ୍ ଓ ଜିଲ୍ଲା ସହିତ ସଂଯୋଗ କରିବା ପାଇଁ ୯ଟି ଏସି ବସ୍ ଆରମ୍ଭ କରାଯାଇଛି । ସେହିପରି ନୟାଗଡ ଜିଲ୍ଲାର ୧୮୯ଟି ଗ୍ରାମ ପଞ୍ଚାୟତରେ ଥିବା ୧୮ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ବ୍ଲକ ସହିତ ସଂଯୋଗ କରିବା ପାଇଁ ୨୯ଟି ଅଣ-ଏସି ବସ୍ ଏବଂ ଜିଲ୍ଲା ସହିତ ସଂଯୋଗ କରିବା ପାଇଁ ୭ଟି ଏସି ବସ୍‌ର ବ୍ୟବହାର କରି ପାରିବେ । କେବଳ ପରିବହନ କ୍ଷେତ୍ର ନୁହେଁ ଏକାଧିକ କ୍ଷେତ୍ରରେ ଲକ୍ଷ୍ମୀ ଯୋଜନାର ଅବଦାନ ରହିବ । ବସ୍‌ର ପରିଚାଳନା କାର୍ଯ୍ୟ ସ୍ୱୟଂସହାୟକ ଗୋଷ୍ଠୀକୁ ଦିଆ ଯାଇଛି ଯାହା ଦ୍ୱାରା ମହିଳା ସଶକ୍ତିକରଣକୁ ମଧ୍ୟ ପ୍ରାଧାନ୍ୟ ଦିଆଯାଇଛି।

ବାଣିଜ୍ୟ ଏବଂ ପରିବହନ ବିଭାଗ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ କହିଛନ୍ତି ଯେ, ଆମେ ବର୍ତ୍ତମାନ ସୁଦ୍ଧା ୨୦ଟି ଜିଲ୍ଲାରେ ୬୦୦ରୁ ଅଧିକ ବସ୍ ସଫଳତାର ସହ କାର୍ଯ୍ୟକ୍ଷମ କରିଛୁ। ଆମେ ନିଶ୍ଚିତ କରିବୁ ଯେ ନିକଟ ଭବିଷ୍ୟତରେ ଲକ୍ଷ୍ମୀ ସେବା ସହିତ ଅବଶିଷ୍ଟ ଜିଲ୍ଲାଗୁଡିକ ମଧ୍ୟ ଯୋଡିହୋଇଯିବେ । ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ବୈପ୍ଳବିକ ଓ ଯୁଗାନ୍ତକାରୀ ପଦକ୍ଷେପ ଆମ ରାଜ୍ୟର ପ୍ରଗତି କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ଯାହା ଦ୍ୱାରା ଆମ ଲୋକଙ୍କର ଶିକ୍ଷା, ସ୍ୱାସ୍ଥ୍ୟ, କୃଷିକ୍ଷେତ୍ର, ଆର୍ଥିକ ତଥା ଅନ୍ୟାନ୍ୟ କ୍ଷେତ୍ରରେ ପ୍ରଗତି ଆଣିବ ବୋଲି ମନ୍ତ୍ରୀ ଶ୍ରୀମତି ସାହୁ କହିଛନ୍ତି ।









## ସ୍ଥାନୀୟ ରୋଜଗାର ସୃଷ୍ଟି ହୋଇଛି

## ୬୦ ଲକ୍ଷରୁ ଉର୍ଦ୍ଧ୍ୱ ନାଗରିକଙ୍କୁ ସଂଯୋଗ କରିଥିବା ୧୩୬୩ଟି ଗ୍ରାମ ପଞ୍ଚାୟତକୁ ଉପଲବ୍ଧ ହୋଇଛି ସାର୍ବଜନୀନ ପରିବହନ ସେବା





## ବରଗଡ, ବଲାଙ୍ଗୀର ଓ ସୁନ୍ଦରଗଡରେ ମଧ୍ୟ ଲକ୍ଷ୍ମୀ ବସ୍ ସେବା ଆରମ୍ଭ ହୋଇସାରିଛି

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାର୍ବଜନୀନ ପରିବହନ ଭିତ୍ତିଭୂମିକୁ ସୁଦୃଢ ଓ ଉନ୍ନତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । ବରଗଡ ଜିଲ୍ଲାରେ ପରିବହନ, ଗମନା ଗମନ ତଥା ଯୋଗାଯୋଗ କ୍ଷେତ୍ରରେ ପ୍ରଗତି ଆଣିବା ପାଇଁ ଲକ୍ଷ୍ମୀ ବସ୍ ଯୋଜନାର ଆରମ୍ଭ ହୋଇସାରିଛି । ସର୍ବମୋଟ ୨୪୩ଟି ଗ୍ରାମ ପଞ୍ଚାୟତ ଏବଂ ୧୧ଟି ବ୍ଲକରେ ଥିବା ୧୪ଲକ୍ଷ ଲୋକଙ୍କୁ ବ୍ଲକ ସହିତ ସଂଯୋଗ କରିବା ପାଇଁ ୫୭ଟି ଅଣ-ଏସି ବସ୍ ଏବଂ ଜିଲ୍ଲା ସହିତ ସଂଯୋଗ କରିବା ପାଇଁ ୧୧ଟି ଏସି ବସ୍ କାର୍ଯ୍ୟରେ ଲଗାଯାଇଛି । ବଲାଙ୍ଗୀର ଜିଲ୍ଲାରେ ୨୬ଟି ଏସି ବସ୍‌ର ଆରମ୍ଭ କରାଯାଇଛି । ଏହା ଦ୍ୱାରା ସିଧାସଳଖ ଭାବେ ପାଖାପାଖି ୨୪ଲକ୍ଷ ଲୋକ ଲକ୍ଷ୍ମୀ ବସ୍‌ର ସେବା ପାଇପାରିବେ । ଏହା ବ୍ୟତୀତ ସୁନ୍ଦରଗଡ ଜିଲ୍ଲାରେ ମଧ୍ୟ ଲକ୍ଷ୍ମୀ ବସ୍‌ର ଐତିହାସିକ ଶୁଭାରମ୍ଭ ହୋଇଛି । ସର୍ବମୋଟ ୩୫ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଥିବା ୨୪୦ଟି ଗ୍ରାମ ପଞ୍ଚାୟତ ଏବଂ ୧୭ଟି ବ୍ଲକ ଏହି ଯୋଜନାରେ ଉପକୃତ ହେବେ। ବ୍ଲକ ସହିତ ସଂଯୋଗ କରିବା ପାଇଁ ୬୫ଟି ଅଣ-ଏସି ବସ୍ ଓ ଜିଲ୍ଲା ସହିତ ସଂଯୋଗ କରିବା ପାଇଁ ୧୬ଟି ଏସି ବସ୍ ଆରମ୍ଭ କରାଯାଇଛି ।

OIPR-38002/13/0068/2324